ସାପ୍ତାହିକ
ସ୍ୱୀକାର
The Sweekar स्वीकार
Postal Regd. No.: SBP/RN-01/2022-2024
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 20 | 14 - 20 May 2023 | Sambalpur | Page- 8 | Invitation Price Rs.10

# ଉପନିର୍ବାଚନରେ ବିଜୟୀ ହେଲେ ଦୀପାଳି



ଝାରସୁଗୁଡ଼ା : ଝାରସୁଗୁଡ଼ା ଉପନିର୍ବାଚନରେ ଶାସକ ବିଜେଡି ଦଳ ବାଜିମାତ୍ କରିଛି । ବିଜେଡି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ✓ ନବ ଦାସଙ୍କ ଝିଅ ଦୀପାଳି ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ୪୮୬୧୯ ଭୋଟ୍‌ରେ ପରାଜିତ କରିଛନ୍ତି । ଏହି ନିର୍ବାଚନରେ କଂଗ୍ରେସ ଦଳକୁ ଶୋଚନୀୟ ପରାଜୟ ବରଣ କରିବାକୁ ପଡିଛି । ଏପରିକି କଂଗ୍ରେସ ତା'ର ଅମାନତ ମଧ ରକ୍ଷା କରିବାକୁ ସମର୍ଥ ହୋଇନାହିଁ । ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୧୦୭୦୦୩ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ୫୮୩୮୪ ଓ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ୪୪୭୩ ଭୋଟ୍ ପାଇଛନ୍ତି । ସେହିପରି ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଅନ୍ୟ ୬ ଜଣ ପ୍ରାର୍ଥୀ ଓଡ଼ିଶା ପ୍ରଗତି ଦଳର ଜନ୍ମ ରୋହିଦାସ ୭୧୬, ଓଡ଼ିଶା ଜନତା ପାର୍ଟିର ମନୀଷ ଶର୍ମା ୨୮୪, କଳିଙ୍ଗ ସେନାର ମହେନ୍ଦ୍ର ପଟ୍ଟନାୟକ ୪୨୫ ଓ ତିନି ସ୍ୱାଧୀନ ପ୍ରାର୍ଥୀ ବିଜୟ ଜଲାନ ୪୫୪, ମହେନ୍ଦ୍ର ଲୁହା ୮୨୮, ଜ୍ଞାନେନ୍ଦ୍ର ବେହେରା ୯୭୨ ଭୋଟ୍ ପାଇଛନ୍ତି । ନୋଟାରେ ୨୦୭୩ଟି ଭୋଟ୍ ପଡିଛି । ଏହି ଉପନିର୍ବାଚନ୨୦୨୪ ନିର୍ବାଚନ ପୂର୍ବରୁ ହୋଇଥିବାରୁ ତିନି ପ୍ରମୁଖ ରାଜନୈତିକ ଦଳ ଏହାକୁ ସମ୍ମାନର ପ୍ରଶ୍ନ ବୋଲି ବିବେଚନା କରି ଜିତିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ତେବେ ନବୀନଙ୍କ ହାୱାରେ ବିଜେପି ଓ କଂଗ୍ରେସ ଧରାଶାୟୀ ହୋଇଛନ୍ତି । ଏପରିକି ଗତ ନିର୍ବାଚନ ତୁଳନାରେ ଏଥର ବିଜେଡି ୮୩୮୩ ଟି ଅଧିକ ଭୋଟ୍ ହାତେଇଛି । ବାପା ନବ ଦାସଙ୍କ ତୁଳନାରେ ଝିଅ ଦୀପାଳି ଟପି ଯାଇଛନ୍ତି । ତେବେ ବିଜେପି ମଧ ଗତ ନିର୍ବାଚନ ତୁଳନାରେ ଏଥର ୫୪୬୩ ଅଧିକ ଭୋଟ୍ ପାଇ ଆଶ୍ୱସ୍ତ ହୋଇଛି । ଏହି ଉପନିର୍ବାଚନରେ କଂଗ୍ରେସ ଦଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାୟକ ୧୮୮୨୩ ଖଣ୍ଡ ଭୋଟ୍ ପାଇଥିବା ବେଳେ ଏହି ଆସନରୁ ତିନିଥର ବିଧାୟକ ଥିବା ସ୍ୱର୍ଗତ ବୀରେନ୍ଦ୍ର ପାଣ୍ଡେଙ୍କ ପୁତ୍ର ତରୁଣ ପାଣ୍ଡେ ଏଥର କଂଗ୍ରେସ ଦଳର ପ୍ରାର୍ଥୀ ହୋଇ ମାତ୍ର ୪୪୭୩ ଭୋଟ୍ ପାଇଛନ୍ତି । ଅର୍ଥାତ୍ ଗତ ନିର୍ବାଚନ ତୁଳନାରେ ଏଥର କଂଗ୍ରେସ ୧୪୩୫୦ ଖଣ୍ଡ କମ୍ ଭୋଟ୍ ପାଇଛି । ଦେଖିବାକୁ ଗଲେ ଗତ ୪ ଗୋଟି ନିର୍ବାଚନରେ ଶାସକ ବିଜେଡି ଦଳ ଏହି ନିର୍ବାଚନ ମଣ୍ଡଳୀରେ ତାର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଗତ ୨୦୦୯ ମସିହାରେ ଏହି ଆସନରେ ବିଜେଡି ୪୦ ହଜାର ୧୪୭ ଭୋଟ୍ ପାଇଥିବା ବେଳେ ୨୦୧୪ ରେ ୬୨ ହଜାର ୯୩୬ ଏବଂ ୨୦୧୯ ରେ ୯୮ ହଜାର ୬୨୦ ଭୋଟ୍ ପାଇଥିଲା । ଏଥର ତାହା ବୃଦ୍ଧି ପାଇ ୧୦୭୦୦୩ ରେ ପହଞ୍ଚିଛି । ସେହିପରି ଏହି ଆସନରେ ବିଜେପି ମଧ କ୍ରମେ ତା'ର କାୟା ବିସ୍ତାର କରିବାରେ ଲାଗିଛି । ଗତ ୨୦୦୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ଏହି ଆସନରୁ ୧୫ ହଜାର ୯୫ ଭୋଟ୍ ପାଇଥିବା ବେଳେ ୨୦୧୪ ରେ ୨୧ ହଜାର ୪୭ ଓ ୨୦୧୯ରେ ୫୨ ହଜାର ୯୨୧ ଭୋଟ୍ ପାଇଥିଲେ । ଏଥର ଉପ ନିର୍ବାଚନରେ ବିଜେପି ୫୮୩୮୪ ଖଣ୍ଡ ଭୋଟ୍ ପାଇଛି । ଏକଦା କଂଗ୍ରେସର ଅଭେଦ୍ୟ ଦୁର୍ଗ ରୂପେ ପରିଚିତ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ସ୍ୱର୍ଗତ ନବ ଦାସ ଦୁଇ ଥର ବିଜୟୀ ହୋଇ ପରେ ସେ ବିଜେଡିରେ ଯୋଗଦେବା ପରଠାରୁ କଂଗ୍ରେସକୁ ଏଠାରେ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଛି । ୨୦୦୯ ମସିହାରେ କଂଗ୍ରେସ ଦଳ ଏଠାରେ ୬୨୬୬୩ ଭୋଟ୍ ପାଇଥିବା ବେଳେ ୨୦୧୪ ରେ ୭୪ ହଜାର ୪୯୯ ଖଣ୍ଡ ଭୋଟ୍ ପାଇଥିଲା । ତେବେ ଶ୍ରୀ ଦାସ ବିଜେଡିରେ ଯୋଗଦେବା ପରେ କଂଗ୍ରେସର ପ୍ରାର୍ଥୀ ଶ୍ରୀ ମହେନ୍ଦ୍ର ନାୟକ ୨୦୧୯ ନିର୍ବାଚନରେ ମାତ୍ର ୧୮୮୨୩ ଖଣ୍ଡ ଭୋଟ୍ ପାଇଥିଲେ । ଏହି ଉପନିର୍ବାଚନରେ ତାହା ୪୪୭୩କୁ ଖସି ଆସିଛି ।

**•ଝାରସୁଗୁଡ଼ାରେ ବିଜେଡିର ବିପୁଳ ବିଜୟ**
**•ବାପାଙ୍କ ରେକର୍ଡ ଭାଙ୍ଗିଲେ ଝିଅ**

## ଦ୍ୱାରିକା ନାୟକ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ



ସମ୍ବଲପୁର : ସାହିତ୍ୟିକ, ନାଟ୍ୟକାର ତଥା ପ୍ରାବନ୍ଧିକ ଡକ୍ଟର ଦ୍ୱାରିକାନାଥ ନାୟକ ଗତ ୨୦୨୨ ବର୍ଷ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଛନ୍ତି । ବରଗଡ ଜିଲ୍ଲାର ଭେଡେନ ବ୍ଲକ ଚିଚିଣ୍ଡା ସ୍ଥିତ ପଲ୍ଲୀଶ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ନାୟକ ଦୀର୍ଘ ଅର୍ଦ୍ଧଶତାବ୍ଦୀ ହେଲା ନାଟକ ସହିତ ଜଡିତ ହୋଇ ଆସିଛନ୍ତି । ନାଟକ ବ୍ୟତୀତ ପ୍ରବନ୍ଧ ଓ ଲୋକ ସାହିତ୍ୟର ଗବେଷଣାରେ ନିମଗ୍ନ ରହି ଆସିଛନ୍ତି । ଇତିମଧ୍ୟରେ ତାଙ୍କର ନାଟକ, ପ୍ରବନ୍ଧ, ଲୋକ ସାହିତ୍ୟ ଏବଂ ଆତ୍ମଜୀବନୀ ଉପରେ ୧୫ଟି ପୁସ୍ତକ ପ୍ରକାଶିତ ହୋଇସାରିଛି । ତାଙ୍କ ରଚିତ ସମ୍ବଲପୁରୀ ନାଟକ ଆଁଖିଲ୍ ଏବଂ ମାଟି ପାନିର୍ କଥା ଆକାଶବାଣୀରେ ପ୍ରସାରିତ ହୋଇ ଜାତୀୟ ପୁରସ୍କାର ହାସଲ କରିଛି । ସେ ହଳଧର ଗ୍ରନ୍ଥାବଳୀର ସଂପାଦନା କରିଥିବା ବେଳେ ସମ୍ବଲପୁରୀ ପତ୍ରିକା 'ଭରନୀ'ର ସଂପାଦକ ଦାୟିତ୍ୱ ମଧ୍ୟ ତୁଲାଇ ଆସିଥିଲେ । ସମ୍ବଲପୁରୀ ଲୋକଗୀତରେ ସମାଜ ଜୀବନର ସ୍ୱରୂପ ସନ୍ଦର୍ଭରେ ସେ ପିଏଚ୍‌ଡି ଲାଭ କରିଥିବା ବେଳେ ଏହା ପ୍ରକାଶିତ ହୋଇସାରିଛି । ବିଶେଷ ସମ୍ବଲପୁରୀ ନାଟକ ଜଗତକୁ ତାଙ୍କର ଅବଦାନ ଅତୁଳନୀୟ । ଏହାବାଦ୍ ସେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଉଦଘୋଷକ ସାଙ୍ଗକୁ ଜଣେ ଉତ୍ତମ ମଞ୍ଚ କଳାକାର ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି ।

## ସୀତାକାନ୍ତ, ପ୍ରତିଭା ଓ ଶ୍ରୀନିବାସ ପାଇଲେ 'ଅତିବଡୀ ପୁରସ୍କାର'



ଭୁବନେଶ୍ୱର: ୨୦୨୧, ୨୦୨୨ ଓ ୨୦୨୩ ମସିହା ନିମନ୍ତେ ରାଜ୍ୟର ୩ ପ୍ରଖ୍ୟାତ ସାରସ୍ୱତ ସାଧକସାଧିକାଙ୍କୁ 'ଅତିବଡ଼ୀ ସମ୍ମାନ' ମିଳିଛି । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୧ ବର୍ଷ ନିମନ୍ତେ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ, ୨୦୨୨ ପାଇଁ ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର ଏବଂ ୨୦୨୩ ମସିହା ପାଇଁ ପଦ୍ମଶ୍ରୀ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କୁ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ କରାଯାଇଛି । ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହି ପୁରସ୍କାର ଦେଇଥିଲେ । ଅନ୍ୟମାନଙ୍କ ମଧରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗ ଦେଇଥିଲେ । ଏହି ଅବସରରେ ୨୦୨୧, ୨୦୨୨ ଓ ୨୦୨୩ ମସିହା ପାଇଁ ମୋଟ ୪୪ଜଣ ବୟୋଜ୍ୟେଷ୍ଠ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯାଇଥିଲା । ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ସହିତ ସମ୍ପାଦକୀୟ ବକ୍ତବ୍ୟ ଉପସ୍ଥାପନ ସହ ଆଗାମୀ ଦିନରେ ସାରଳା ସାହିତ୍ୟ ପୁରସ୍କାର କରାଯିବ ବୋଲି ସୂଚନା ଦେଇଥିଲେ ।

## ଏ ସଂଖ୍ୟାରେ..


ଦେହକୁ ଉତ୍ତମ ପାନ


ସ୍ୱାସ୍ଥ୍ୟ ହିତରେ ମହୁ ଓ ହଳଦୀ


ଜାମୁକୋଳିର ଚମତ୍କାରିତା


ପ୍ରତିଦିନ ଖାଆନ୍ତୁ ପିଆଜ


ବଡ଼ ଉପକାରୀ ଅଙ୍ଗୁର


ଦୁଦୁରାର ଉପକାରିତା

# ସୁବର୍ଣ୍ଣପୁରରେ ମୃତ ପାରା ପାଇଁ ରୌପ୍ୟଜୟନ୍ତୀ ପାଳନ ପ୍ରସ୍ତୁତି

ସୋନପୁର : ଜନ୍ମ ସତ୍ୟ, ମୃତ୍ୟୁ ସତ୍ୟ, ଶ୍ରଦ୍ଧା ସୁମନ ଅର୍ପଣ ବି ସତ୍ୟ । ଏଇତ ଏକ ଆଧାତ୍ମିକ ଭାବ ଧାରାର ଜ୍ୱଳନ୍ତ ଉଦାହରଣ । ଭାଗବତ କହେ- ମର୍ତ୍ତ୍ୟମଣ୍ଡଳେ ଦେହବହି ଦେବତା ହେଲେ ହେଁ ମରଇ । କିଏ କେତେବେଳେ ଇହ ଲୀଳାସମ୍ବରଣ କରିବ ତାହା କଳ୍ପନା ବାହାରେ । ତେବେ ପ୍ରାଣୀର ମୃତ୍ୟୁ ହେଲେ ତାର ସ୍ମୃତି ଚାରଣ, ଶୋକ ସଭା, ଜୟନ୍ତୀ ପ୍ରଭୃତି ପାଳନ କରାଯାଇ ଥାଏ । କିନ୍ତୁ ଏ କଥା ସତ ସିଦ୍ଧ ଯେ ପଶୁ ପକ୍ଷୀମାନଙ୍କୁ ପଚାରେ କିଏ ? ଏଇତ ଦୁନିଆର ଗତି । ତେବେ ସେଭଳି ଏକ ସତ୍ୟ ଘଟଣା ଉପରେ ଆଧାରିତ । ଏକ ଧଳା ରଙ୍ଗର ପାରା ପୋଷିଥିଲେ କୌଶଲ୍ୟା କୁନ୍ତିରାଣୀ ସ୍ମୃତି ସଂସଦ ସଭ୍ୟମାନେ । ସେ ଥିଲେ ପରିବାରର ଏକ ସଭ୍ୟ ଭଳି । ନିୟତି ସହି ପାରିଲା ନାହିଁ ଅକସ୍ମାତ ନେଇ ଗଲା ଆର ପାରିକୁ । ପରିବାର ସଦସ୍ୟଙ୍କ ମଧ୍ୟରେ ଖେଳିଗଲା କରୁଣ ଏବଂ ମର୍ମାନ୍ତକ ଦୁଃଖର ବାତାବରଣ । ପରିବାର ସଦସ୍ୟମାନେ ସ୍ଥିର କଲେ ତା ପାଇଁ ଶୁଦ୍ଧିକ୍ରିୟା କରିବେ । ଯେହେତୁ କ୍ଷମତା ଡୋରିରେ ବନ୍ଧା ହୋଇ ପାରାକୁ ଲାଳନ ପାଳନ କରିଥିଲେ । ସଂସଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣେ କବି, ଗାନ୍ଧୀବାଦୀ ତଥା ବାଗ୍ମି ସାଧକ ବିନୟ ରଞ୍ଜନ ପ୍ରଧାନ ସ୍ଥାନୀୟ ରାମେଶ୍ୱର ଘାଟରେ ଏକ ଚଟାଣରେ ମୃତ ପାରା ପାଇଁ ବିଧିବିଧାନ ପୂଜା ପୂର୍ବକ ମୁଖାଗ୍ନି ଦେଇଥିଲେ । କେବଳ ସେତିକି ନୁହେଁ ଆଜକୁ ୩୦ ବର୍ଷ ହେବ କ୍ରମାଗତ ଭାବେ ତାର ଶ୍ରାଦ୍ଧ ଉତ୍ସବ ପାଳନ କରି ଆସୁଛନ୍ତି । ତେବେ ଚଳିତ ବର୍ଷ ତାର ରୌପ୍ୟ ଜୟନ୍ତୀ ପାଳନ କରାଯିବା ପାଇଁ ମନସ୍ଥ କରିଛନ୍ତି ସ୍ମୃତି ସଂସଦର ସଭ୍ୟମାନେ । ପାରାର ଅସ୍ଥି ମଧ ପବିତ୍ର ଗଙ୍ଗା ଜଳରେ ବିସର୍ଜନ କରାଯାଇଛି । ତେବେ କାରୁଣ୍ୟ ରସଭରା କବିତା ପାଠୋତ୍ସବ କରା ଯିବା ସଙ୍ଗେ ଜଣେ ବରିଷ୍ଠ କବିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି ।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ



ସମ୍ବଲପୁର : ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଜିଲା ପ୍ରଶାସନ ଓ ବିଭିନ୍ନ ଯାତ୍ରା କମିଟିକୁ ନେଇଏକ ବୈଠକ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯାତ୍ରା କିଭଳି ସୁରୁଖୁରୁରେ ସମାପନ ହେବ ସେ ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତାମାନେ ନିଜ ଅଞ୍ଚଳରେ ଥିବା ସମସ୍ୟା ସମ୍ପର୍କରେ କହିଥିଲେ । ଶୋଚନୀୟ ରାସ୍ତା, ଅଚଳ ଷ୍ଟ୍ରିଟ୍ ଲାଇଟ୍, ବେଆଇନ ପାର୍କିଂ, ଡ୍ରେନ୍ ସଫେଇ ଇତ୍ୟାଦିକୁ ନେଇ କମିଟି ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହା ସହ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଅଧାପନ୍ତରିଆ ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ଜିଲାପାଳ ରାଜ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଚୋରି, ରାହାଜାନି, ଲୁଟ୍, ଡକାୟତି, କୋରେକ୍ସ ଓ ନିଶା ବଟିକା କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ପୋଲିସ ଓ ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରା ସମୟରେ କଡା ପାଟ୍ରୋଲିଂ ବ୍ୟବସ୍ଥା ସହ ସାଧା ପୋଷାକଧାରୀ ପୋଲିସ ମୁତୟନ ରହିବେ ବୋଲି ନିଷ୍ପତ୍ତି ହୋଇଥିଲା । ଏହାଛଡା ପ୍ରତି ମେଢ଼ ପାଖରେ ଇଲେକ୍ଟ୍ରିସିଆନ ନିୟୋଜିତ କରାଯିବ ବୋଲି ବିଦ୍ୟୁତ୍ ବିଭାଗ ପ୍ରତିଶ୍ରୁତି ଦେଇଥିଲା । ସ୍ୱାସ୍ଥ୍ୟ, ଅଗ୍ନିଶମ, ଯୋଗାଣ, ପରିବହନ ସହ ଅନ୍ୟ ବିଭାଗ ପ୍ରତିବର୍ଷ ଭଳି ସହଯୋଗ କରିବେ ବୋଲି ଜିଲ୍ଲାପାଳ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବି. ଗଙ୍ଗାଧର, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ତହସିଲଦାର ଲକ୍ଷ୍ମଣ ଅମାତ, ଡେପୁଟି କମିଶନର ଶଙ୍କର ସାହୁ, ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ଦଳାଇଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଧ୍ୟାନ ବିନା ଜ୍ଞାନ ହୁଏ ନାହିଁ

**ଧ୍ୟା**ନର ପରମ ଓ ଗହନ ଅବସ୍ଥାରେ ହିଁ ସିଦ୍ଧାର୍ଥ ଗୌତମ ବୁଦ୍ଧ ହୋଇଥିଲେ । ତାଙ୍କୁ ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲା । ଧ୍ୟାନର ଅବସ୍ଥାରେ ହିଁ ତାଙ୍କୁ 'ବୋଧ' ହୋଇଥିଲା ଅର୍ଥାତ୍ ଜ୍ଞାନ ପ୍ରାପ୍ତ ହୋଇଥିଲା, କିନ୍ତୁ ବୁଦ୍ଧଙ୍କ ଜୀବନରେ ଧ୍ୟାନ ତାଙ୍କୁ ବୁଦ୍ଧତ୍ୱ ପ୍ରାପ୍ତି ହେବା ପର୍ଯ୍ୟନ୍ତ ସୀମିତ ନ ଥିଲା । ଧ୍ୟାନ ତ ଯେମିତି ତାଙ୍କ ରୋମ ରୋମରେ ପ୍ରବାହିତ ହେଉଥିଲା । ଜୀବନର ପ୍ରତିକ୍ଷଣ ସେ ଧ୍ୟାନରେ ହିଁ ରହିଥିଲେ । ସେ ଯେତେବେଳେ ହସୁଥିଲେ ତ ସ୍ୱୟଂ 'ଧ୍ୟାନ' ହସିବା ପରି ମନେ ହେଉଥିଲା ଏବଂ ତାଙ୍କ ଅଧରରେ ଯେମିତି 'ଧ୍ୟାନ' ହିଁ ମନ୍ଦହାସ ରୂପେ ଅଭିବ୍ୟକ୍ତ ହେଉଥିଲା ।

ସେ ଯେତେବେଳେ କହୁଥିଲେ ତ ସ୍ୱୟଂ 'ଧ୍ୟାନ' ହିଁ କହିବା ପରି ଲାଗୁଥିଲା । ସେ ଯେବେ ଚାଲୁଥିଲେ ତ 'ଧ୍ୟାନ' ହିଁ ଚାଲିବା ପରି ଲାଗୁଥିଲା । ତାଙ୍କ ବାଣୀରେ, ଦୃଷ୍ଟିରେ ପ୍ରତିକ୍ଷଣ 'ଧ୍ୟାନ' ହିଁ ପ୍ରସ୍ଫୁଟିତ ଓ ଅଭିବ୍ୟକ୍ତ ହେଉଥିଲା । ତାଙ୍କୁ ଦେଖୁ-ଶୁଣି ମନେ ହେଉଥିଲା ଯେମିତି 'ଧ୍ୟାନ' ହିଁ ବୁଦ୍ଧଙ୍କ ରୂପ ଧାରଣ କରି ନେଇଛି ।

ବର୍ଷ ବର୍ଷର ଧ୍ୟାନ-ସାଧନା ତାଙ୍କ ଭିତରେ ଏତେ ଗଭୀରତା ପର୍ଯ୍ୟନ୍ତ ଅବତରଣ କରିଯାଇଥିଲା ଯେ ବୋଧ ପ୍ରାପ୍ତି ପରେ ମଧ ସେ କ୍ଷଣକ ପାଇଁ ବି କେବେ ଧ୍ୟାନ ରହିତ ହେଉ ନ ଥିଲେ । ସେଥିପାଇଁ ତ ତାଙ୍କର ଶୋଇବା–ଉଠିବା, ହସିବା-କହିବା ଓ ଚାଲିବାରେ ମଧ ଧ୍ୟାନ ଅଭିବ୍ୟକ୍ତ ହେଉଥିଲା ।

ଭଗବାନ ବୁଦ୍ଧଙ୍କର ମିଳୁଥିବା ଚିତ୍ରଗୁଡ଼ିକରେ ଆମେ ତାଙ୍କୁ ପ୍ରାୟ ଧ୍ୟାନମଗ୍ନ ଅବସ୍ଥାରେ ହିଁ ଦେଖୁଥାଉ । କେବେ ସେ ପର୍ବତ ଉପରେ କାଳି ଅନ୍ଧାର ରାତ୍ରିରେ ଖୋଲାରେ ବସି ଧ୍ୟାନ କରୁଛନ୍ତି ତ କେବେ ସେ ବର୍ଷାର ଫୁଆରାରେ ବସି ମଧ ଧ୍ୟାନମଗ୍ନ ଅଛନ୍ତି । କେବେ ସେ ଖୋଲାରେ ନଦୀ କୂଳରେ ଧ୍ୟାନମଗ୍ନ ଅଛନ୍ତି ତ କେବେ କଳା କଳା ବାଦଲ ଭରା ଆକାଶ ତଳେ କୌଣସି ଶିଳା ଉପରେ ବସି ଧ୍ୟାନମଗ୍ନ ଅଛନ୍ତି । କେବେ ସେ ସୂର୍ଯ୍ୟରୁ ବରଷୁଥିବା ତାପରେ ଗୃଧ୍ରକୂଟ ପର୍ବତ ଉପରେ ଧ୍ୟାନସ୍ଥ ଅଛନ୍ତି ତ କେବେ ଥରାଇ ଦେଉଥିବା ଥଣ୍ଡାରେ ମଧ ଜଙ୍ଗଲର ଆବୁଡ଼ାଖାବୁଡ଼ା ଭୂମି ଉପରେ ପତ୍ର ଆସନରେ ଆସୀନ ହୋଇ ଧ୍ୟାନସ୍ଥ ଅଛନ୍ତି ।

କେବେ ସେ କୌଣସି ଶ୍ମଶାନ, ବନରେ ଧ୍ୟାନ କରି ଟହଲୁଛନ୍ତି ତ କେବେ ଚାରିପଟେ ଦର୍ଶନାର୍ଥୀଙ୍କ ଦ୍ୱାରା ଘେରେଇ ହୋଇ ମଧ ଧ୍ୟାନସ୍ଥ ଅଛନ୍ତି । କେବେ କେବେ ତ କୌଣସି ଦର୍ଶନାର୍ଥୀ ଯଦି ତାଙ୍କୁ ଭେଟିବା ପାଇଁ ବିହାରକୁ ଆସୁଥିଲେ ତ ଆନନ୍ଦ ସେମାନଙ୍କୁ କହୁଥିଲେ- "ଭଗବାନ ଏହି ସମୟରେ ଧ୍ୟାନରେ ଅବସ୍ଥିତ ।" ଏହିପରି ଅନେକ ପ୍ରସଙ୍ଗ ବୌଦ୍ଧ ଧର୍ମର ପ୍ରମୁଖ ଗ୍ରନ୍ଥ 'ତ୍ରିପିଟକ'ରେ ଆମକୁ ସହଜରେ ଦେଖିବାକୁ ମିଳେ । ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ ଜନସାଧାରଣଙ୍କ ମଧ୍ୟରେ ରହି ରହି ବୁଦ୍ଧ ପ୍ରାୟ କିଛି ସମୟ ହେତୁ ଏକାନ୍ତ ସେବନ ପାଇଁ ଏକାନ୍ତବାସରେ ଚାଲିଯାଉଥିଲେ ।

କେତେ ଥର ସେ ଭିକ୍ଷୁମାନଙ୍କୁ କହୁଥିଲେ- "ଭିକ୍ଷୁଗଣ ! ମୁଁ କିଛି ସମୟ ଏକାନ୍ତବାସ କରିବାକୁ ଚାହୁଁଛି । ଜଣେ ଭିକ୍ଷାନ୍ନ ଆଣିଥିବା ଭିକ୍ଷୁଙ୍କ ବ୍ୟତୀତ ମୋ ପାଖକୁ ଅନ୍ୟ କେହି ଆସି ପାରିବେ ନାହିଁ ।" ବୁଦ୍ଧଙ୍କ ଜୀବନରେ ଏପରି ଅନେକ ପ୍ରସଙ୍ଗ ଦେଖିବାକୁ ମିଳେ । ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଧ୍ୟାନର ଗଭୀର ଅବସ୍ଥାରେ ହିଁ ଶେଷରେ ବୁଦ୍ଧଙ୍କୁ ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲା, ପରମ ଜ୍ଞାନର ପ୍ରାପ୍ତି ହୋଇଥିଲା । ଧ୍ୟାନ କେବେ ବି କାହାକୁ ନିଷ୍କ୍ରିୟ କରେ ନାହିଁ । ସେଥିପାଇଁ ତ ଜ୍ଞାନ ପ୍ରାପ୍ତି ପରେ ତଥାଗତ ଅହର୍ନିଶ କର୍ମରତ ହୋଇ ସର୍ବତ୍ର ଧର୍ମର, ଜ୍ଞାନର ପ୍ରଚାର କରୁଥିଲେ ।

ଯେଉଁ ଅନ୍ତିମ ରାତ୍ରିରେ ସେ ଶରୀର ଛାଡ଼ିଲେ, ସେଦିନ ମଧ ସନ୍ଧ୍ୟାକାଳରୁ ରାତ୍ରିର ଅନ୍ତିମ ପ୍ରହର ପର୍ଯ୍ୟନ୍ତ ସେ ଲଗାଏତ ଭିନ୍ନ ଭିନ୍ନ ବ୍ୟକ୍ତି, ଶିଷ୍ୟମାନଙ୍କୁ ଓ ଜନସମୂହକୁ ଉପଦେଶ ଦେଇ ଚାଲିଥିଲେ । ସେମାନଙ୍କ ସମସ୍ୟା ଶୁଣୁଥିଲେ । ସେମାନଙ୍କୁ ସମାଧାନ ଦେଉଥିଲେ । ତଥାଗତଙ୍କର ଏହି ଅନବରତ କର୍ମଯୋଗ କେବେ ହେଲେ ଧ୍ୟାନାଭ୍ୟାସରୁ ରହିତ ନ ଥିଲା । ନାନା ପ୍ରକାର ଲୋକଙ୍କ ସହିତ ମିଶିବା, ପାଦରେ ଚାଲିବା, ଧର୍ମୋପଦେଶ ଦେବା ସମୟରେ ତଥାଗତ ସର୍ବଦା ଧ୍ୟାନରେ, ସମାଧିରେ ଯୁକ୍ତ ରହୁଥିଲେ । ତଥାଗତ କେବେ ଧ୍ୟାନରୁ ରିକ୍ତ ହୋଇ ନ ଥିଲେ । ଏହି ବିଷୟର ଚର୍ଚ୍ଚା ତ୍ରିପିଟକର ପ୍ରତ୍ୟେକ ପୃଷ୍ଠାରେ ଆମକୁ ମିଳିଥାଏ । ତାଙ୍କ ମୁଖରୁ ନିଃସୃତ ପ୍ରତିଟି ଶବ୍ଦ ତାଙ୍କର ସହଜ ଧ୍ୟାନାବସ୍ଥାର ସୂଚକ ଥିଲା ।

ପ୍ରକୃତରେ ସାଧକମାନଙ୍କ ପାଇଁ ବୁଦ୍ଧଙ୍କର ଏହି ଧ୍ୟାନସ୍ଥ ସ୍ୱରୂପ ସଂସାରର ସବୁଠାରୁ ଦିବ୍ୟ ଓ ମହାନତମ ଉଦ୍ଧରଣଗୁଡ଼ିକ ମଧ୍ୟରେ ରହିଛି ଏବଂ ସତ କହିଲେ ଧ୍ୟାନ ଠାରୁ ଦିବ୍ୟ ଓ ମହାନତମ ଅନୁଭବ ଏ ଦୁନିଆରେ ଅନ୍ୟ କିଛି ନାହିଁ । ସେହି ଦିବ୍ୟ ଓ ମହାନତମ ଧ୍ୟାନର ଅଭିବ୍ୟକ୍ତି ହିଁ ଶିଳ୍ପୀମାନେ ବୁଦ୍ଧଙ୍କ ମୂର୍ତ୍ତିଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରିଛନ୍ତି, ଯାହା ଅଦ୍ୱିତୀୟ, କାରଣ ବୁଦ୍ଧଙ୍କର ଏହି ଧ୍ୟାନସ୍ୱରୂପକୁ ଦେଖି ଆମର ଚିତ୍ତ ଶାନ୍ତିରେ, ଧ୍ୟାନରେ ବୁଡ଼ିବାରେ ଲାଗେ, ଇନ୍ଦ୍ରିୟଗୁଡ଼ିକ ଶର୍ମିତ ହେବାରେ ଲାଗେ ଏବଂ ଆଧାତ୍ମିକ ଆନନ୍ଦର ଅନୁଭବ ହେବାରେ ଲାଗେ । ବସ୍ତୁତଃ ଧ୍ୟାନ ହିଁ ତଥାଗତଙ୍କ ଜୀବନର ସାର, ନିଷ୍କର୍ଷ ଅଟେ । ସେହି ଧ୍ୟାନ ସାହାଯ୍ୟରେ ସେହି ଧ୍ୟାନରେ ପ୍ରବେଶ କରି, ବୁଡ଼ ପକାଇ ଆମେ ମଧ ଧ୍ୟାନସ୍ଥ ହୋଇ ପାରିବା, ଜ୍ଞାନୀ ହୋଇ ପାରିବା । ନିର୍ବାଣୀ ହୋଇ ପାରିବା । ସେଥିପାଇଁ ତ ବୁଦ୍ଧ ଧ୍ୟାନ ଉପରେ ବହୁତ ଜୋର୍ ଦେଇଥିଲେ ।

ସେ ନିଜର ଶିଷ୍ୟମାନଙ୍କୁ ପ୍ରାୟ ଧ୍ୟାନ କରିବା ପାଇଁ ପ୍ରେରିତ କରୁଥିଲେ । ମହାତ୍ମା ଗୌତମ ବୁଦ୍ଧ ନିଜ ଉପଦେଶର ଶେଷରେ ପ୍ରାୟ ନିଜର ଶିଷ୍ୟମାନଙ୍କୁ କହୁଥିଲେ- "ଭିକ୍ଷୁଗଣ ! ଏଇ ସାମନାରେ ବୃକ୍ଷର ଛାୟା ଅଛି, ଏଇ ଶୂନ୍ୟ ଘର ଅଛି । ଏଠାରେ ବସି ଧ୍ୟାନ କର । ପଛରେ ପଶ୍ଚାତ୍ତାପ କରିବ ନାହିଁ । ଏହା ମୋର ଆଦେଶ ।" ମହାତ୍ମା ବୁଦ୍ଧ ଥରେ ରାହୁଲଙ୍କୁ ଏହି ଉପଦେଶ ଦେଇଥିଲେ– ଧ୍ୟାନ କର ଓ ଏହି ଉପଦେଶ ପାଇବା ମାତ୍ରେ ରାହୁଳ ଭାବିଲେ ଭଗବାନଙ୍କ ଉପଦେଶ ଶୁଣି କିଏ ଆଜି ଭିକ୍ଷାଟନ କରିବାକୁ ଯିବ ଏବଂ ସେ ସେଠାରେ ଆସନ ଲଗାଇ ବେକ ସିଧା କରି ସ୍ମୃତିକୁ ଉପସ୍ଥିତ କରି ଧ୍ୟାନମଗ୍ନ ହୋଇଗଲେ ।

ଭୋକ-ଶୋଷ ଛାଡ଼ି ଧ୍ୟାନ ପାଇଁ ଏଭଳି ତତ୍ପରତା ବୁଦ୍ଧଙ୍କର ଅନେକ ଶିଷ୍ୟଙ୍କ ମଧ୍ୟରେ ଦେଖାଯାଉଥିଲା, କିନ୍ତୁ ଧ୍ୟାନ ସହିତ ସେ ଶିଷ୍ୟମାନଙ୍କୁ ସମ୍ୟକ୍ ବାକ୍, ସମ୍ୟକ୍ କର୍ମାନ୍ତ, ସମ୍ୟକ୍ ଆଜୀବିକା ଓ ସମ୍ୟକ୍ ବ୍ୟାୟାମ ଆଦି ଶୀଳ (ଆଚରଣ) ପାଳନ କରିବା ପାଇଁ କହିଥିଲେ । ବୁଦ୍ଧ ସ୍ପଷ୍ଟ କହିଥିଲେ ଯେ କେବଳ ସତ୍ୟ ବଚନର ପ୍ରୟୋଗ ହିଁ ସମ୍ୟକ୍ ବାକ୍ ହୋଇ ନ ପାରେ, ବରଂ ମନ, ବଚନ ଓ କର୍ମରେ ସତ୍ୟ ପାଳନ କରିବା ହିଁ ବାସ୍ତବରେ ସମ୍ୟକ୍ ବାକ୍ ଅଟେ ।

ସମ୍ୟକ୍ ବାକ୍ ଅନ୍ତର୍ଗତ କଟୁବଚନ ତ୍ୟାଗ, ପରନିନ୍ଦା ତ୍ୟାଗ, ମଧୁର ଓ ମିତଭାଷୀ ହେବା ଆବଶ୍ୟକ । କିନ୍ତୁ ନିର୍ବାଣ ପ୍ରାପ୍ତ ହେବା ପାଇଁ ସାଧକକୁ କେବଳ ସମ୍ୟକ୍ ବାକ୍ ପାଳନ କରିବା ପର୍ଯ୍ୟାପ୍ତ ନୁହେଁ ; କାରଣ ବୁଦ୍ଧ ମାନୁଥିଲେ ଯେ ସତ୍ୟଭାଷୀ ଓ ପ୍ରିୟଭାଷୀ ହେବା ସତ୍ତ୍ୱେ ବ୍ୟକ୍ତି ମନ୍ଦ କର୍ମଗୁଡ଼ିକୁ ଗ୍ରହଣ କରି ପଥଭ୍ରଷ୍ଟ ହୋଇପାରେ । ଏଣୁ ସେ ସମ୍ୟକ୍ କର୍ମାନ୍ତ ପାଳନର ଉପଦେଶ ମଧ ଦେଇଥିଲେ । ସମ୍ୟକ କର୍ମାନ୍ତର ଅର୍ଥ ମନ୍ଦ କର୍ମଗୁଡ଼ିକର ପରିତ୍ୟାଗ ଏବଂ ଶୁଭ କର୍ମଗୁଡ଼ିକ ପାଳନ କରିବା ।

ଭଗବାନ ବୁଦ୍ଧଙ୍କ ଅନୁସାରେ ମନ୍ଦ କର୍ମ ତିନିଟି– ହିଂସା, ଅସ୍ତେୟ ଓ ଇନ୍ଦ୍ରିୟ ଭୋଗ । ଏଣୁ ସାଧକକୁ ମନ, ବଚନ ଓ କର୍ମରେ ଅହିଂସା ପାଳନ କରିବା ଉଚିତ ଏବଂ ଅସ୍ତେୟ ଅର୍ଥାତ୍ ଅନ୍ୟମାନଙ୍କ ସମ୍ପତ୍ତି ଚୋରାଇବା ଅନୁଚିତ ଓ ଇନ୍ଦ୍ରିୟ ସଂଯମ ପାଳନ କରିବା ଆବଶ୍ୟକ । ଏହି କଥାଗୁଡ଼ିକ ପାଳନ କରିବା ହିଁ ସମ୍ୟକ୍ କର୍ମାନ୍ତ, କିନ୍ତୁ ସମ୍ୟକ୍ ବାକ୍ ଓ ସମ୍ୟକ୍ କର୍ମାନ୍ତ ସହିତ ସମ୍ୟକ୍ ଆଜୀବିକାର ପାଳନ ମଧ ଆବଶ୍ୟକ ।

ସମ୍ୟକ୍ ଆଜୀବିକାର ଅର୍ଥ ସଚ୍ଚୋଟତାପୂର୍ବକ ଜୀବିକା ଉପାର୍ଜନ କରିବା । ଜୀବନ ନିର୍ବାହ ପାଇଁ ବେଇମାନିର ମାର୍ଗ ଗ୍ରହଣ କରିବା ଅନୁଚିତ । ଧୋକା, ଲାଞ୍ଚ, ଲୁଟ, ଅତ୍ୟାଚାର, ବେଇମାନି ଆଦି ଅଶୁଭ ଉପାୟରେ ଜୀବିକା ନିର୍ବାହ କରିବା ମହାନ୍ ପାପ ଅଟେ । ଏହା ସହିତ ଏଭଳି କର୍ମ ଆମର ଚିତ୍ତକୁ ଦୂଷିତ ଓ କଳୁଷିତ ମଧ କରିଥାଏ, ଯଦ୍ୱାରା ସାଧନା ଓ ଧ୍ୟାନରେ ସାଧକର ମନ ଲାଗେ ନାହିଁ ।

ଆଉ ଏକ ପ୍ରମୁଖ ଶୀଳ ହେଉଛି– ସମ୍ୟକ୍ ବ୍ୟାୟାମ । ଭଗବାନ ବୁଦ୍ଧଙ୍କ ଅନୁସାରେ ମନରେ ବ୍ୟାପ୍ତ ପୁରୁଣା ମନ୍ଦ, ଅଶୁଭ ବିଚାରଗୁଡ଼ିକୁ ବାହାର କରିଦେବା, ନୂଆ ମନ୍ଦ ବିଚାରଗୁଡ଼ିକୁ ମନ ଭିତରକୁ ଆସିବାରୁ ରୋକିବା, ଉତ୍ତମ ଭାବଗୁଡ଼ିକୁ ମନରେ ଭରିବା ଓ ସେହି ଭାବଗୁଡ଼ିକୁ ମନରେ କାଏମ ରଖିବା ପାଇଁ ସତତ କ୍ରିୟାଶୀଳ ରହିବା ହିଁ ସମ୍ୟକ୍ ବ୍ୟାୟାମ ଅଟେ । ଏହିପରି ସମ୍ୟକ୍ ବ୍ୟାୟାମ ସେହି କ୍ରିୟାଗୁଡ଼ିକୁ କହନ୍ତି, ଯଦ୍ୱାରା ଅଶୁଭ ମନଃସ୍ଥିତିର ଅନ୍ତ ହୋଇଥାଏ ତଥା ଶୁଭ ମନଃସ୍ଥିତି ଉତ୍ପନ୍ନ ହୋଇଥାଏ । ଏଣୁ ଧ୍ୟାନଯୋଗର ସାଧନାରେ ରତ ସାଧକକୁ ଧ୍ୟାନ ସହିତ ସମ୍ୟକ୍ ବାକ୍, ସମ୍ୟକ୍ କର୍ମାନ୍ତ, ସମ୍ୟକ୍ ଆଜୀବିକା ଓ ସମ୍ୟକ୍ ବ୍ୟାୟାମ ଆଦି ଶୀଳ (ଆଚରଣ) ପାଳନ ମଧ କରିବା ଉଚିତ । ବୁଦ୍ଧଙ୍କ ଅନୁସାରେ ସେତେବେଳେ ସାଧକକୁ ଅଭୀଷ୍ଟ ଲକ୍ଷ୍ୟର ପ୍ରାପ୍ତି ହୋଇଥାଏ । ଧ୍ୟାନ ହିଁ ଜ୍ଞାନ, ନିର୍ବାଣ ଓ ଆନନ୍ଦର ସାଧନ, ତେଣୁକରି ଆମେ ନିତ୍ୟ ଧ୍ୟାନ କରିବା ଉଚିତ । ବୁଦ୍ଧଙ୍କ ଦ୍ୱାରା ପ୍ରଦର୍ଶିତ ଏହି ମାର୍ଗ ବଡ଼ ସହଜ, ସରଳ ଓ ପ୍ରତ୍ୟେକ ବ୍ୟକ୍ତି ପାଇଁ ଖୋଲା ରହିଛି । ଜ୍ଞାନ, ନିର୍ବାଣ ଓ ଆନନ୍ଦ ଯେଉଁ ବ୍ୟକ୍ତିମାନଙ୍କର ଲକ୍ଷ୍ୟ ସେମାନେ ଏହି ମାର୍ଗରେ, ଏହି ପଥର ପଥିକ ହୋଇ ପାରିବେ ।

# ନାରୀର ଗୌରବ - ଗରିମା ପୁନଃ ପ୍ରତିଷ୍ଠିତ ହେଉ

**ଭା**ରତୀୟ ସଂସ୍କୃତିରେ ନାରୀର ସ୍ଥାନ ସର୍ବଦା ଗୌରବପୂର୍ଣ୍ଣ ରହିଛି । ଯେପର୍ଯ୍ୟନ୍ତ ଏହି ଭାବ ଜୀବନ୍ତ ଥିଲା, ସଂସ୍କୃତି ଓ ସମାଜର ବ୍ୟବସ୍ଥା ମଜଭୁତ ଥିଲା । ଦେଶ 'ବିଶ୍ୱଗୁରୁ'ରୁ ନେଇ 'ସୁନାର ଚଢ଼େଇ' ନାମରେ ବିଭୂଷିତ ଥିଲା, କିନ୍ତୁ ବିଦେଶୀ ଆକ୍ରମଣକାରୀଙ୍କ କ୍ରୂର ବ୍ୟବହାର ଓ ଦମନ ଚକ୍ର ତଥା ଆନ୍ତରିକ ଦୁର୍ବଳତା ମଧ୍ୟରେ ନାରୀ-ଗରିମାର ସମୟ ଗଭୀର ବିଷାଦ ମଧ ଦେଇ ଗତି କରିବା ପାଇଁ ବାଧ ହେଲା । କିନ୍ତୁ ଦୀର୍ଘ ଅନ୍ଧକାର ଯୁଗ ପରେ ଏବଂ କାଳଚକ୍ର ପୁନଃ ନାରୀର ବର୍ଣ୍ଣସ୍ୱର ଜାଗରଣ ଓ ପ୍ରତିଷ୍ଠାପନା ଦିଗରେ ବଢ଼ି ଚାଲିଛି ।

ବର୍ତ୍ତମାନ ନାରୀ ଯାବତୀୟ ଆହ୍ୱାନ ମଧ୍ୟରେ ସଂକ୍ରମଣ କାଳ ଅତିକ୍ରମ କରୁଛି, କିନ୍ତୁ ସେ ନିଜର ସେହି ଭବିତବ୍ୟତା ଦିଗରେ ବଢୁଛି । ବେଦ ଅନୁସାରେ ନାରୀ ବିଧାତାଙ୍କର ସର୍ବୋତ୍ତମ ପରିକଳ୍ପନା ଏବଂ ତା'ର ସୃଜନ କ୍ଷମତା କାରଣରୁ ତାକୁ ବ୍ରହ୍ମାଙ୍କ ସଂଜ୍ଞା ଦିଆଯାଇଛି ।

ଋଗ୍ ବେଦରେ କୁହାଯାଇଛି- 'ହେ ବିଦୁଷୀ ! ତୋ ପରି ଦେବୀ ଉପରେ ସମସ୍ତ ଜୀବନ ଆଶ୍ରିତ, କାରଣ ତୁ ସରସ୍ୱତୀ ରୂପା ।'' ଯଜୁର୍ବେଦରେ ନାରୀକୁ ସଂବୋଧିତ କରି କୁହାଯାଇଛି- ''ହେ ସ୍ତ୍ରୀ ! ତୁ ସ୍ତୁତି ଯୋଗ୍ୟ, ଉତ୍ତମ ବାଣୀ ଯୁକ୍ତା, ରମଣୀୟା, ପୂଜନୀୟା, କମନୀୟା, ଚନ୍ଦ୍ର ସମାନ ଆହ୍ଲାଦକାରିଣୀ, ଶ୍ରେଷ୍ଠ ଶୀଳରେ ପ୍ରକାଶମାନ ଅର୍ଥାତ୍ ଜ୍ୟୋତି ସମାନ ନିଜର ଦିବ୍ୟ ଗୁଣଗୁଡ଼ିକର ପ୍ରକାଶ ଦ୍ୱାରା ଅଜ୍ଞାନ ଅନ୍ଧକାର ଦୂରକାରିଣୀ, ଦୀନତା ଓ ହୀନତା ଭାବ ରହିତ, ପରମ୍ପରାରେ ପୂର୍ଣ୍ଣ, ବିବିଧ ଗୁଣରେ ପ୍ରସିଦ୍ଧ ତଥା ବିବିଧ ବିଦ୍ୟାରେ ପ୍ରବୀଣ ।'' ଏହା ସହିତ ନାରୀକୁ ଅଧନ୍ୟ ଅର୍ଥାତ୍ ତାଡ଼ନା ନ କରିବା ଯୋଗ୍ୟ ଏବଂ ମହି ଅର୍ଥାତ୍ ପୂଜନୀୟ କୁହାଯାଇଛି ।

ଅଥର୍ବବେଦର ରଚନାଗୁଡ଼ିକରେ ସ୍ତ୍ରୀକୁ ଶୁଦ୍ଧ, ପବିତ୍ର ଓ ପୂଜନୀୟା କୁହାଯାଇଛି । ତାକୁ ସୁଷମା ଅର୍ଥାତ୍ ଉତ୍ତମ ଗୁଣଗୁଡ଼ିକ ଦିଗରେ ପ୍ରେରିତକାରିଣୀ କୁହାଯାଇଛି ଏବଂ ତାକୁ ଅମୃତରସଦାୟିନୀର ସଂଜ୍ଞା ଦିଆଯାଇଛି । ଋଗ୍‌ବେଦରେ ନବବଧୂକୁ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ସାମ୍ରାଜ୍ଞୀ ଭଳି ଶବ୍ଦରେ ଅଳଙ୍କୃତ କରାଯାଇଛି । ତଦନୁସାର ପତ୍ନୀକୁ ପତି ଗୃହରେ ସମ୍ମାନ ପୂର୍ବକ ସ୍ଥାନ ଦିଆଯିବା କଥା କୁହାଯାଇଛି । ସେଥିରେ କୁହାଯାଇଛି- 'ହେ ବଧୂ ! ନିଜର ସୁକର୍ମଗୁଡ଼ିକ ଦ୍ୱାରା ତୁମେ ଶାଶୁ-ଶଶୁର, ନଣନ୍ଦ, ଦିଅର ଆଦିଙ୍କୁ ବଶରେ ରଖୁଥିବା ସାମ୍ରାଜ୍ଞୀ ହୁଅ ।'' ଋଗ୍‌ବେଦ ଅନୁସାରେ ପତ୍ନୀ ବିନା ଗୃହସ୍ଥ ଏକାକୀ ଯଜ୍ଞ କରିବାର ଅଧିକାରୀ ନୁହେଁ । ଏଣୁ ନାରୀ ପତିର ସହଧର୍ମିଣୀ, ସହଚରୀ ଓ ଜୀବନସଙ୍ଗିନୀ ଅଟେ ।

ସ୍ତ୍ରୀ ବିନା କୌଣସି ଶୁଭ କାର୍ଯ୍ୟ ବା ଅନୁଷ୍ଠାନ ପୂର୍ଣ୍ଣ ନୁହେଁ । ଯଜ୍ଞରେ ତା'ର ଉପସ୍ଥିତି ଅନିବାର୍ଯ୍ୟ । ସେଥିପାଇଁ ଅଶ୍ୱମେଧ ଯଜ୍ଞ ଅବସରରେ ଭଗବାନ ରାମଙ୍କୁ ସୀତା ମାତାଙ୍କ ସୁବର୍ଣ୍ଣ ପ୍ରତିମା ନିଜ ପାଖରେ ରଖିବାକୁ ପଡ଼ିଥିଲା । ବସ୍ତୁତଃ ଭାରତୀୟ ସଂସ୍କୃତିରେ ନାରୀ ପ୍ରକୃତିର ଅନୁପମ ଉପହାର, ସଦ୍‌ଗୁଣରେ ସୁସଜ୍ଜିତ ଈଶ୍ୱରଙ୍କ ରଚନା ଅଟେ । ଏଣୁ ନାରୀକୁ ପୁରୁଷ ସମକକ୍ଷ ନୁହେଁ, ବରଂ ତା'ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି ।

ପରମାତ୍ମାଙ୍କ ଆରାଧନାରେ ସର୍ବପ୍ରଥମ ସ୍ଥାନ ମାତାଙ୍କୁ ଦିଆଯାଇଛି, ଯେପରି -ତ୍ୱମେବ ମାତା ଚ ପିତା ତ୍ୱମେବ..... । ତୈତ୍ତିରୀୟ ଉପନିଷଦ୍‌ରେ ମଧ ମାତାପିତାଙ୍କୁ ଦେବତା ସମାନ ପୂଜା କରିବା କଥା କୁହାଯାଇଛି, ଯେଉଁଥିରେ ମାତାଙ୍କର ସ୍ଥାନ ପ୍ରଥମ- ମାତୃ ଦେବୋ ଭବ, ପିତୃ ଦେବୋ ଭବ ।

ମହାଭାରତର ଅନୁଶାସନ ପର୍ବ ଅନୁସାରେ ମାତାଙ୍କ ସମାନ ଅନ୍ୟ କୌଣସି ଗୁରୁ ନାହାନ୍ତି । ଶତପଥ ବ୍ରାହ୍ମଣରେ ମାତାଙ୍କୁ ପ୍ରଥମ ଗୁରୁ ରୂପେ ସ୍ୱୀକାର କରାଯାଇଛି । ବଶିଷ୍ଠ ଧର୍ମସୂତ୍ର ଅନୁସାରେ– ଉପାଧ୍ୟାୟ, ଆଚାର୍ଯ୍ୟଙ୍କ ଠାରୁ ଦଶ ଗୁଣ ପ୍ରତିଷ୍ଠାର ଯୋଗ୍ୟ ହୋଇଥାନ୍ତି, ଆଚାର୍ଯ୍ୟଙ୍କ ଠାରୁ ପିତା ଶହେ ଗୁଣ ମହାନ୍ ହୋଇଥାନ୍ତି, କିନ୍ତୁ ପିତାଙ୍କ ଠାରୁ ମାତା ହଜାର ଗୁଣ ଅଧିକ ଶ୍ରେଷ୍ଠ ହୋଇଥାନ୍ତି ।

ଚାଣକ୍ୟ ସୂତ୍ର ମଧ ଏହାର ପୁଷ୍ଟି କରିଥାଏ- ଗୁରୁଣା ମାତା ଗରୀୟସୀ ଅର୍ଥାତ୍ ସମସ୍ତ ଗୁରୁଙ୍କ ମଧ୍ୟରେ ମାତାଙ୍କ ସ୍ଥାନ ସର୍ବୋଚ୍ଚ । ମାତାଙ୍କର ଏତେ ପ୍ରତିଷ୍ଠା କାରଣରୁ ହିଁ ଅଥର୍ବବେଦରେ ପୁତ୍ରକୁ ଉପଦେଶ ଦିଆଯାଇଛି ଯେ ସେ ମାତାଙ୍କ ସମ୍ପର୍କ କାରଣରୁ ପ୍ରୀତିଯୁକ୍ତ ମନ ବିଶିଷ୍ଟ ହେଉ । ମନୁସ୍ମୃତି ଅନୁସାରେ-ପୁତ୍ରକୁ ମାତାପିତା, ଉଭୟଙ୍କ ଆଜ୍ଞା ମଧ୍ୟରୁ ମାତାଙ୍କର ଆଜ୍ଞାକୁ ସହସ୍ର ଗୁଣ ଅଧିକ ଗୌରବ ଦେବା ଉଚିତ ।

ଆଦି ଶଙ୍କରାଚାର୍ଯ୍ୟ ନିଜର ଶ୍ରଦ୍ଧେୟ ଜନ୍ମଦାୟିନୀ ଜନନୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସମୟରେ ଯାହା କହିଥିଲେ, ତାହା ବହୁତ ମାର୍ମିକ ଓ ପଠନୀୟ । ତାଙ୍କ ଶବ୍ଦରେ- ପ୍ରସୂତି ସମୟର ଅନିବାର୍ଯ୍ୟ ଶୂଳ ବ୍ୟଥାକୁ ବାଦ ଦେଲେ ବି ମୋ ଦ୍ୱାରା ଦୁଗ୍ଧପାନ ଜନିତ ମାତାଙ୍କ ଶରୀର ଶୋଷଣ, କିଛି ବର୍ଷ ପର୍ଯ୍ୟନ୍ତ ମୋ ଦ୍ୱାରା ମୂଳ–ମୂତ୍ର ତ୍ୟାଗ କାରଣରୁ ମଳଯୁକ୍ତ ମାତାଙ୍କ ବିଛଣା, ମାତାଙ୍କ ଦ୍ୱାରା ଗର୍ଭଭାର ବହନ ଏବଂ ତାହାର ପୋଷଣ ଆଦି ଅନେକ ଋଣ ମୋ ଉପରେ ଅଛି । ଯେଉଁ ମାତାଙ୍କର ଏଥି ମଧ୍ୟରୁ ଗୋଟିଏ ଋଣରୁ ବି ମୁକ୍ତ ହେବା ପାଇଁ ଏଇ ପୁତ୍ର ଅସମର୍ଥ, ସେହି ମାତାଙ୍କୁ ମୋର ନମସ୍କାର ।

ଆଦି ମହାକାବ୍ୟ ରାମାୟଣର ରଚୟିତା ମହାକବି ବାଲ୍ମୀକିଙ୍କ ଶବ୍ଦରେ ନାରୀତ୍ୱର ଚରମ ପରିଣତି ମାତୃତ୍ୱ ରୂପେ ହୋଇଥାଏ । ମନୁଷ୍ୟର ଚରିତ୍ର ନିର୍ମାଣର ସୂତ୍ରଧାରିଣୀ ମାତା ଅଟନ୍ତି, ପିତା ନୁହନ୍ତି । ମହାକାବ୍ୟ ମହାଭାରତର ଅନୁଶାସନ ପର୍ବରେ ଭୀଷ୍ମ ପିତାମହ ସ୍ତ୍ରୀମାନଙ୍କ ପ୍ରତି ଉଚ୍ଚ ଆଦର ଭାବ ପ୍ରଦର୍ଶିତ କରି କହିଛନ୍ତି – ''ସ୍ତ୍ରୀକୁ ସର୍ବଦା ପୂଜ୍ୟ ମାନି ସ୍ନେହପୂର୍ଣ୍ଣ ବ୍ୟବହାର କରିବା ଆବଶ୍ୟକ ।

ଯେଉଁଠି ସ୍ତ୍ରୀମାନଙ୍କର ଆଦର-ସତ୍କାର ହୋଇଥାଏ, ସେଠାରେ ଦେବତାମାନଙ୍କ ନିବାସ ହୋଇଥାଏ ଏବଂ ସେମାନଙ୍କ ଅନୁପସ୍ଥିତିରେ ସବୁ କାର୍ଯ୍ୟ ନିଷ୍ଫଳ ହୋଇଯାଏ । ପତ୍ନୀ ରୂପେ ସ୍ତ୍ରୀ ପ୍ରତି ମହାଭାରତ ଆଦିପର୍ବର ଏହି ବିଚାର ପଠନୀୟ– ପତ୍ନୀ ନିଜ ପତିର ଅର୍ଦ୍ଧାଙ୍ଗ ବୋଲି ମାନ୍ୟତା ରହିଛି । ତାକୁ ସଂସାରରେ ସର୍ବଶ୍ରେଷ୍ଠ ସଖା, ମିତ୍ର ଭାବରେ ସ୍ୱୀକାର କରାଯାଇଛି । ତାକୁ ତ୍ରିବର୍ଗ- ଧର୍ମ, ଅର୍ଥ ଓ କାମର ମୂଳ ଘୋଷିତ କରାଯାଇଛି ।

ଦୁଃଖରୁ ପାର ପାଇବା ପାଇଁ ପତ୍ନୀ ହିଁ ଆଶ୍ରା । ପତ୍ନୀ ସହିତ ପତିର ବିଶେଷ ରୂପେ ଶୋଭା ଓ ଆନନ୍ଦ ରହିଛି । ପ୍ରିୟ କହୁଥିବା ପତ୍ନୀମାନେ ଜନଶୂନ୍ୟ ସ୍ଥାନରେ ମିତ୍ରର କାମ କରନ୍ତି । ସେମାନେ ହିଁ ଧାର୍ମିକ କାର୍ଯ୍ୟଗୁଡ଼ିକରେ ପିତାଙ୍କ ସମାନ ପରାମର୍ଶଦାତ୍ରୀ ଏବଂ ଦୁଃଖୀ ଓ ରୋଗୀ ପୁରୁଷର ମା' ପରି ସେବାକାରିଣୀ ହୋଇଥାନ୍ତି ।

ବନରେ ମଧ ଯାତ୍ରୀକୁ ନିଜ ପତ୍ନୀ ଦ୍ୱାରା ହିଁ ବିଶ୍ରାମ ମିଳିଥାଏ । ଯେଉଁ ପୁରୁଷର ପତ୍ନୀ ବିଦ୍ୟମାନ, ଏପରି ପୁରୁଷକୁ ପ୍ରାୟ ସମସ୍ତେ ବିଶ୍ୱାସ କରନ୍ତି । ଅତଏବ ପତ୍ନୀ ଏକ ବହୁତ ବଡ଼ ଆଶ୍ରା । ଏହି ପରି ଶାନ୍ତି ପର୍ବ ରେ କୁହାଯାଇଛି – ପୁରୁଷର ପ୍ରଧାନ ସମ୍ପତ୍ତି ହେଉଛି ତା'ର ପତ୍ନୀ । ଯେଉଁ ପୁରୁଷ ରୋଗରେ ପୀଡ଼ିତ ଥାଏ ଓ ବହୁତ ଦିନ ଧରି କୌଣସି ବିପତ୍ତିରେ ଫସିଥାଏ, ସେହି ପୀଡ଼ିତ ମନୁଷ୍ୟ ପାଇଁ ମଧ ସ୍ତ୍ରୀ ସମାନ ଅନ୍ୟ କୌଣସି ଔଷଧୀ ନାହିଁ ।

ସଂସାରରେ ସ୍ତ୍ରୀ ସମାନ କୌଣସି ବନ୍ଧୁ ନାହିଁ, ସ୍ତ୍ରୀ ସମାନ କୌଣସି ଆଶ୍ରୟ ନାହିଁ ଏବଂ ସ୍ତ୍ରୀ ସମାନ ଧର୍ମ ସଂଗ୍ରହରେ ସହାୟକ ଅନ୍ୟ କେହି ନାହିଁ । ସୌଭାଗ୍ୟବତୀ କଲ୍ୟାଣୀ ସ୍ତ୍ରୀମାନେ ଗୃହକୁ ପ୍ରକାଶିତ କରିଥାନ୍ତି । ଏଣୁ ସେମାନେ ପୂଜାର ଯୋଗ୍ୟ । ସ୍ତ୍ରୀମାନଙ୍କୁ ଗୃହଲକ୍ଷ୍ମୀ କୁହାଯାଏ । ଏହି ଦୃଷ୍ଟିରୁ ସେମାନେ ବିଶେଷ ରୂପେ ରକ୍ଷା କରିବାର ଯୋଗ୍ୟ । ସେମାନେ ଗୃହର ସୌଭାଗ୍ୟ ଓ ସୌନ୍ଦର୍ଯ୍ୟ ହୋଇଥାନ୍ତି । ଏଣୁ ପରିବାର ସୌଭାଗ୍ୟଶାଳୀ ହେବା ପାଇଁ ସ୍ତ୍ରୀମାନଙ୍କର ଆଦର କରିବା ଆବଶ୍ୟକ । ଏହିପରି ସ୍ପଷ୍ଟ ହୋଇଥାଏ ଯେ ପ୍ରାଚୀନ କାଳରେ ନାରୀର ସ୍ଥାନ କେବଳ ଅତ୍ୟଧିକ ଉଚ୍ଚ ନ ଥିଲା, ବରଂ ତା'ର ସର୍ବାଧିକ ସମ୍ମାନ ଓ ସତ୍କାର ମଧ ହେଉଥିଲା ।

ନାରୀ ମହିମାର ଏତେ ସର୍ବୋତ୍କୃଷ୍ଟ ବିବରଣ ବିଶ୍ୱରେ ଅନ୍ୟତ୍ର ଦୁର୍ଲଭ ବୋଲି ଯଦି କୁହାଯାଏ ତ ଅତିଶୟୋକ୍ତି ହେବ ନାହିଁ । ଉପନିଷଦରେ ସୃଷ୍ଟିର ସମ୍ପୂର୍ଣ୍ଣ ଶୂନ୍ୟତାର ପୂର୍ତ୍ତି ସ୍ତ୍ରୀ ଦ୍ୱାରା ହେବା କଥା କୁହାଯାଇଛି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ନାରୀମାନଙ୍କ ପାଇଁ ପ୍ରଯୁକ୍ତ ଏହି ବିଶେଷଣଗୁଡ଼ିକରୁ ସୁନିଶ୍ଚିତ ହୋଇଥାଏ ଯେ ପ୍ରାଚୀନ କାଳରେ ସ୍ତ୍ରୀମାନଙ୍କ ସ୍ଥିତି ଅତ୍ୟନ୍ତ ଉନ୍ନତ ଓ ମହତ୍ତ୍ୱପୂର୍ଣ୍ଣ ଥିଲା ଏବଂ ସେମାନେ ସେହି ଯୁଗରେ ଅସୀମ ଆଦରର ପାତ୍ର ଥିଲେ । ଗାର୍ଗୀ, ଅପାଳା, ଘୋଷା, ଲୋପାମୁଦ୍ରା, ବିଶ୍ୱବାରା, ଶାଶ୍ୱତୀ, ସଲଭାଙ୍କ ପରି ବିଦୁଷୀ ଏବଂ ବ୍ରହ୍ମବାଦିନୀ ନାରୀମାନଙ୍କର ଏହି ପରମ୍ପରା ମଧ୍ୟଯୁଗରେ ମୀମାଂସକ ମଣ୍ଡନ ମିଶ୍ର ଓ ଆଦି ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ଶାସ୍ତ୍ରାର୍ଥ ସମୟରେ ନିଜର ଭବ୍ୟତମ ରୂପରେ ପ୍ରକଟ ହୋଇଥିଲା, ଯେତେବେଳେ ମଣ୍ଡନ ମିଶ୍ରଙ୍କ ପତ୍ନୀ ଭାରତୀ ଶାସ୍ତ୍ରାର୍ଥର ମଧ୍ୟସ୍ଥତା କରିଥିଲେ ଏବଂ ପତି ହାରିଯିବାରୁ ଆଦି ଶଙ୍କରାଚାର୍ଯ୍ୟଙ୍କୁ ଆହ୍ୱାନ ଦେଇଥିଲେ ।

ମଧ୍ୟକାଳୀନ ଅନ୍ଧକାର ଯୁଗ ବିଦେଶୀ ଆକ୍ରମଣକାରୀଙ୍କ ଦମନ ଚକ୍ର ଓ କ୍ରୂର ବ୍ୟବହାରର ଏକ କଳା ଅଧ୍ୟାୟ ଥିଲା, ଯାହା ମଧ୍ୟରେ ନାରୀର ଗରିମାକୁ ଗଭୀର ଆଘାତ ପହଞ୍ଚିଲା, ଯେଉଁଥିରେ ରାଜପୁତ ନାରୀମାନଙ୍କ ଦ୍ୱାରା ଇସଲାମୀ ଆକ୍ରମଣକାରୀଙ୍କ ଠାରୁ ନିଜର ପତିବ୍ରତ ଧର୍ମ ତଥା ସତୀତ୍ୱର ରକ୍ଷା ହେତୁ ପ୍ରଖର ଜ୍ୱାଳାରେ ଆତ୍ମାହୁତି ଅର୍ଥାତ୍ ଜୌହରର ପ୍ରଚଳନ ଥିଲା ।

ଏହା ସହିତ ଯାବତୀୟ କୁରୀତି ମଧ ଜନ୍ମ ନେଲା, ଯାହା ନାରୀର ଗରିମାକୁ ତିରୋହିତ କରିଦେଲା । ଏହା ପରେ ଇଂରାଜୀ ଶିକ୍ଷା ଓ ଅପସଂସ୍କୃତିର ପ୍ରଭାବରେ ନାରୀ ପ୍ରତି ଥିବା ଗୌରବମୟୀ ଭାବର ଆହୁରି କ୍ଷରଣ ହେଲା । ଅବଶ୍ୟ ବିଂଶ ଶତାବ୍ଦୀରେ ପୁନଃ ନାରୀ ଚେତନା ଜାଗରଣର ସମୟ ପ୍ରାରମ୍ଭ ହେଲା, ଯାହା ଏକ ବିଂଶ ଶତାବ୍ଦୀରେ ନୂତନ ଶିଖର ଦିଗରେ ଅଗ୍ରସର କିନ୍ତୁ ଏବେ ବହୁତ କାର୍ଯ୍ୟ ବାକି ଅଛି । ଆଜି ପୁନଃ ନାରୀର ଗରିମାକୁ ସେହି ଗୌରବପୂର୍ଣ୍ଣ ଶିଖର ପର୍ଯ୍ୟନ୍ତ ପହଞ୍ଚାଇବା ଓ ପ୍ରତିଷ୍ଠିତ କରିବାର ଆବଶ୍ୟକତା ରହିଛି, ଯେଉଁଠି ଦେବ ସଂସ୍କୃତିର ସନାତନ ଗୌରବ– ଗରିମା ପୁନଃ ପ୍ରକଟ ହୋଇ ବିଶ୍ୱର ମାର୍ଗଦର୍ଶନ କରି ପାରିବ । ଏଥି ନିମନ୍ତେ ସ୍ତ୍ରୀ ସମାଜ ଆତ୍ମାର ସେହି ମୁଖ୍ୟ ତନ୍ତୁ, ଯାହା ଉପରେ ସମାଜର ନୈତିକ ଢାଞ୍ଚା ତିଷ୍ଠି ରହିଛି । ଏହି ଭାବବୋଧ ଆବଶ୍ୟକ ।

ସ୍ତ୍ରୀମାନଙ୍କ ପ୍ରତି ବ୍ୟବହାର ହିଁ ପୁରୁଷ ବ୍ୟବହାରର ସବୁଠାରୁ ବଡ଼ କଷଟି । ସ୍ତ୍ରୀ କେବଳ ମାଟିର ପ୍ରତିମା ନୁହେଁ, ସେ ସମସ୍ତ ମାନବୀୟ ସୌନ୍ଦର୍ଯ୍ୟର ଆଦି ତଥା ଅନନ୍ତ ସ୍ରୋତ ମଧ । ମନୁଷ୍ୟର ସମସ୍ତ ପୁରୁଷାର୍ଥ ସ୍ତ୍ରୀ ସହିତ ତା'ର ସମ୍ବନ୍ଧରେ ହିଁ ପ୍ରତିଫଳିତ ହୋଇଥାଏ ।

ସ୍ତ୍ରୀ ସମାଜର ଏକ ମୁଖ୍ୟ ସ୍ୱର, ସଂବେଦନାର ଆଦିସ୍ରୋତ । ଏଥିପ୍ରତି ପୁରୁଷକୁ ଜାଗରୂକ-ସଂବେଦନଶୀଳ ହେବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ନାରୀମାନେ ସ୍ୱୟଂ ଶିକ୍ଷିତ-ସୁସଂସ୍କୃତ ହେବାର ସଚେଷ୍ଟ ପ୍ରୟାସ କରିବାକୁ ହେବ, ଯଦ୍ୱାରା ପରିବାରରେ ଶ୍ରେଷ୍ଠ ସଂସ୍କାରର ବୀଜରୋପଣ ହୋଇ ପାରିବ । ଅନ୍ୟ ପକ୍ଷରେ ନାରୀକୁ ଠିକ୍ ଦୃଷ୍ଟିରେ ଦେଖିବା, ତା' ପ୍ରତି ନିଜ ଅନ୍ତଃକରଣରେ ଆଦର ଓ ଶ୍ରଦ୍ଧାର ଭାବ ଜାଗ୍ରତ କରିବା ଏବଂ ତା'ର ଦୈବୀ ତତ୍ତ୍ୱକୁ ଜାଗ୍ରତ କରିବାରେ ସହାୟକ ହେବା ମଧ ପୁରୁଷମାନଙ୍କର ଦାୟିତ୍ୱ । ଏପରି ହେଲେ ମନୁସ୍ମୃତିର ସେହି ଉକ୍ତି ଚରିତାର୍ଥ ହେବ, ଯେଉଁଥିରେ କୁହାଯାଇଛି– ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା । ଏହା ସହିତ ନାରୀର ଗୌରବ-ଗରିମା ନିଜର ଦିଗନ୍ତ ବ୍ୟାପୀ ଆଭା ସହିତ ପୁନଃ ଯୁଗକୁ ଆଲୋକିତ କରି ପାରିବ ।

## ଆଜିର ଚିନ୍ତନ

**ପ**ରାଧୀନତାର ଅର୍ଥ ବନ୍ଧନ । ସେହି ପରାଧୀନତା ଭୌଗୋଳିକ ହେଉ, ସାଂସାରିକ ଅଥବା ଆଧ୍ୟାତ୍ମିକ-ପରାଧୀନତାର ପରିଣାମ ହିଁ ଦୁଃଖଦ ହୋଇଥାଏ । ବନ୍ଧନରେ ବାନ୍ଧି ନ ହେବା ଜୀବାତ୍ମାର ପ୍ରକୃତି ହୋଇଥାଏ । ଜେଲ୍‌ର କୋଠରିଗୁଡ଼ିକୁ ସୁବର୍ଣ୍ଣ ମଣ୍ଡିତ କରିଦେଲେ, ହାତକଡ଼ି ହୀରାର ହୋଇଥିଲେ ମଧ ବନ୍ଧନ ପ୍ରକୃତରେ କେବଳ ବନ୍ଧନ ହିଁ ହୋଇଥାଏ । ଜୀବାତ୍ମାକୁ ଏପରି ଅନୁଭବ ସେତେବେଳେ ହୋଇଥାଏ, ଯେତେବେଳେ ସେ ସାଂସାରିକ ଆକର୍ଷଣର ମୋହ-ମାୟାରେ ପଡ଼ି ନିଜ ପାଇଁ କର୍ମବନ୍ଧନର କାରାଗୃହ ନିର୍ମିତ କରିନିଏ । ସେଥିପାଇଁ ଭବବନ୍ଧନରୁ ମୁକ୍ତିକୁ ଜୀବାତ୍ମା ସକାଶେ ପରମ ପୁରୁଷାର୍ଥ ମଧ୍ୟରେ ଗଣନା କରାଯାଏ । ବନ୍ଧନ ଓ ପରାଧୀନତା ଠାରୁ ବଳି ଦୁଃଖ ନାହିଁ ଏବଂ ମୁକ୍ତି ଓ ମୋକ୍ଷ ଠାରୁ ବଳି ଆନନ୍ଦ ନାହିଁ । ସବୁ କିଛି ମିଳିଯିବା ପରେ ବି ଯଦି ଆମେ ବାନ୍ଧି ହୋଇଥାଉ ତେବେ ସେହି ପରାଧୀନତା ଦୁଃଖ ଓ ଦୈନ୍ୟର କାରଣ ହୋଇଥାଏ । ଯଦି ଭକ୍ତି ଓ ଈଶ୍ୱର ଅନୁରାଗର ବନ୍ଧନକୁ ଏହି ତାଲିକାରୁ ହଟାଇ ଦିଆଯାଏ ତେବେ ଏପରି ଅନ୍ୟ କୌଣସି ବନ୍ଧନ ନାହିଁ, ଯେଉଁଥିରେ ପଡ଼ି ଆତ୍ମାକୁ ଆନନ୍ଦର ଅନୁଭବ ହୋଇ ପାରିବ । ଏଣୁ ଆତ୍ମା ସର୍ବଦା ମୁକ୍ତି ପାଇଁ ଲାଳାୟିତ ହୋଇଥାଏ, ଯେହେତୁ ଦୁଃଖର କାରଣ ବନ୍ଧନ ଓ ସୁଖର ଆଧାର ସ୍ୱାଧୀନତା । ବନ୍ଧନ ସୁଖର ହେଉ ଅଥବା ଦୁଃଖର-ବନ୍ଧନ ତ ବନ୍ଧନ ହିଁ ହୋଇଥାଏ ଏବଂ ଏଥିରୁ ମୁକ୍ତି ହିଁ ମନୁଷ୍ୟ ଜନ୍ମର ଏକମାତ୍ର ଓ ସର୍ବୋପରି ଲକ୍ଷ୍ୟ ।

# ରୁଦ୍ରାକ୍ଷ - ଔଷଧୀୟ ଗୁଣରେ ଭରପୂର ଦିବ୍ୟ ବୃକ୍ଷ

**ଭା**ରତୀୟ ସଂସ୍କୃତିର ସାଂସ୍କୃତିକ ପ୍ରତୀକଗୁଡ଼ିକ ମଧ୍ୟରେ ରୁଦ୍ରାକ୍ଷର ଏକ ବିଶିଷ୍ଟ ସ୍ଥାନ ରହିଛି, ଯାହା ଏହାର ଧାର୍ମିକ ଓ ଆଧ୍ୟାତ୍ମିକ ଆସ୍ଥାର ଅଭିନ୍ନ ଅଙ୍ଗ । ଏହାର ମୁଖ୍ୟ କାରଣ ହେଉଛି – ରୁଦ୍ର ଓ ଅକ୍ଷ ଅର୍ଥାତ୍ ଭଗବାନ ଶିବଙ୍କ ଅଶ୍ରୁ ରୂପେ ଏହାର ପରିଚୟ ।

ମାନ୍ୟତା ଅଛି ଯେ ଭଗବାନ ଶିବଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ ହୋଇ ତ୍ରିପୁରାସୁର ସୃଷ୍ଟି ପାଇଁ ବିପଦ ପାଲଟିଯିବା ପରେ ଶିବ ରୁଦ୍ର ରୂପ ଧାରଣ କଲେ ଏବଂ ସେତେବେଳେ ତାଙ୍କ ଆଖିରୁ ନିର୍ଗତ ଅଶ୍ରୁ ଧାରା ଉପରେ ପଡ଼ିଗଲା ତଥା ରୁଦ୍ରାକ୍ଷର ରୂପ ଧାରଣ କଲା । ଏଣୁ ଏହାକୁ ଭଗବାନ ଶଙ୍କରଙ୍କ ପ୍ରତୀକ ମନେ କରାଯାଏ, ଯାହାକୁ ମାଳା, କଲବା, କବଚ, ମୁକୁଟ ଓ କେଜାଣି କେତେ ରୂପରେ ଧାରଣ କରାଯାଏ ।

ହିନ୍ଦୁ ଧର୍ମରେ ବିଶେଷ ରୂପେ ଶିବ ଓ ଶକ୍ତି ଉପାସନାରେ ଏହାର ବିଶେଷ ମହତ୍ତ୍ୱ ରହିଛି ଏବଂ ଏହାର ମାଳାରେ ଜପ କରାଯାଏ । ରୁଦ୍ରାକ୍ଷ ବୃକ୍ଷ ମୁଖ୍ୟତଃ ହିମାଳୟ କ୍ଷେତ୍ରର ୬୦୦୦ ରୁ ୯୦୦୦ ଫୁଟ ଉଚ୍ଚତାରେ ଦେଖାଯାଏ । ଭାରତ ସମେତ ନେପାଳର ଉଚ୍ଚ କ୍ଷେତ୍ରରେ ଏହା ବହୁତ ସଂଖ୍ୟାରେ ମିଳିଥାଏ । ଭାରତରେ ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ଆସାମ ଭଳି ହିମାଳୟ କ୍ଷେତ୍ରରେ ରୁଦ୍ରାକ୍ଷ ମିଳିଥାଏ, ଏହା ବ୍ୟତୀତ ଦକ୍ଷିଣ ଭାରତରେ କର୍ଣ୍ଣାଟକର ମହୀଶୂର, ନୀଳଗିରିରେ ମଧ ରୁଦ୍ରାକ୍ଷ ବୃକ୍ଷ ମିଳିଥାଏ । ଭାରତ ବାହାରେ ଇଣ୍ଡୋନେସିଆ, ନେପାଳ ଓ ମାଲେସିଆ ଦେଶ ରୁଦ୍ରାକ୍ଷର ପ୍ରମୁଖ ସ୍ରୋତ । ନେପାଳରେ ମିଳୁଥିବା ରୁଦ୍ରାକ୍ଷର ଆକାର ବହୁତ ବଡ଼ ହୋଇଥାଏ, କିନ୍ତୁ ଇଣ୍ଡୋନେସିଆ ଓ ମାଲେସିଆର ରୁଦ୍ରାକ୍ଷ ଛୋଟ ହୋଇଥାଏ । ରୁଦ୍ରାକ୍ଷ ମୂଳତଃ ଥଣ୍ଡା ଜଳବାୟୁର ବୃକ୍ଷ, ଯାହା ଥଣ୍ଡା ଜଳବାୟୁରେ ଅଧିକ ବଢ଼ିଥାଏ । ଅଧିକ ତାପମାତ୍ରା ଥିବା ସ୍ଥାନରେ ଏହାକୁ ଛାଇ ଜାଗାରେ ଲଗାଯାଏ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

ବର୍ଷ ୨୭, ସଂଖ୍ୟା- ୨୦, ୧୪ - ୨୦ ମଇ ୨୦୨୩

# ଅଧୁରା ସ୍ୱପ୍ନ

ଆମ ରାଜ୍ୟରେ ନିର୍ବାଚନ ରଣାଙ୍ଗନରେ ଅନେକ ପ୍ରାର୍ଥୀ ନିର୍ବାଚନମଣ୍ଡଳୀର ସାମଗ୍ରିକ ଉନ୍ନତିକୁ ନିଜର ଅଧୁରା ସ୍ୱପ୍ନ ଓ ତାହା ପୂରଣ ପାଇଁ ସୁଯୋଗର ଦ୍ୱାହି ଦେଇ ଭୋଟ ଭିକ୍ଷା କରୁଥିବା ବେଳେ ଉପନିର୍ବାଚନ ବେଳେ ଦିବଂଗତ ପ୍ରତିନିଧିଙ୍କ ପତ୍ନୀ, ଝିଅ ବା ପୁଅ ଯଥାକ୍ରମେ ସ୍ୱାମୀ ବା ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ ଭୋଟ ଭିକ୍ଷା କରିବା ଗୋଟିଏ ଧାରା ହୋଇସାରିଛି । କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ ଦେଶର ବିକାଶରେ ରାଜ୍ୟ ଓ ରାଜ୍ୟର ବିକାଶରେ ଆଞ୍ଚଳିକ ବିକାଶ ପରସ୍ପର ପରିପୂରକ । ଯଦି ଦେଶ ବା ରାଜ୍ୟର ସର୍ବାଙ୍ଗୀନ ଉନ୍ନତିର ଅଭିଳାଷକୁ ସ୍ୱପ୍ନ ଭାବେ ବିବେଚନା କରାଯାଏ ତେବେ ଲକ୍ଷାଧିକ ସ୍ୱାଧୀନତା ସଂଗ୍ରାମୀଙ୍କ ଅଖଣ୍ଡ ଭାରତ, ବିବେକାନନ୍ଦଙ୍କ ପରି ଅନେକ ସାଧୁସନ୍ଥଙ୍କ ଆଧାତ୍ମିକ ଭାରତ, ଗାନ୍ଧିଜୀଙ୍କ ନିଶାମୁକ୍ତ ଭାରତ ବା ,କଳ୍ପିତ ରାମରାଜ୍ୟର ସ୍ୱପ୍ନ ଏ ପର୍ଯ୍ୟନ୍ତ ନିଶ୍ଚିତ ଅଧୁରା ରହିଯାଇଛି, ଯାହା ପୂରଣ ହେବାର ସମ୍ଭାବନା ମଧ ନାହିଁ । ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ବୋଲି ଦୃଢୋକ୍ତି ପ୍ରକାଶ କରିଥିବା ସୁଭାଷ ବୋଷଙ୍କ ସ୍ୱପ୍ନ କାଳର କରାଳ ଗର୍ଭରେ ଲୀନ ହୋଇଯାଇଛି ।  ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇ ନିଜ ପରିବାରକୁ ଅନାଥ କରିଦେଇଥିବା ଅସଂଖ୍ୟ ଦେଶପ୍ରେମୀଙ୍କର ମଧ ଦୁର୍ନୀତି ମୁକ୍ତ ସ୍ୱାଧୀନ ଭାରତ ସ୍ୱପ୍ନ ଅଧୁରା ରହିଯାଇଛି ।

ଆମ ରାଜ୍ୟରେ ମଧୁବାବୁଙ୍କ ଖାଣ୍ଟି ଓଡ଼ିଆ  ଜାତି ପ୍ରୀତିସମ୍ପନ୍ନ କୁଟୀର ଶିଳ୍ପ ସମୃଦ୍ଧ ଓଡ଼ିଶା ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ଓଡ଼ିଶା, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦୁର୍ନୀତିବିହୀନ ଭାଷାଭିତ୍ତିକ ରାଜ୍ୟ ଶାସନ ଏବଂ  ଅନେକ ପ୍ରଜ୍ଞା ପୁରୁଷଙ୍କର ରାଜ୍ୟର ଉନ୍ନତି ପାଇଁ ବିବିଧ ସ୍ୱପ୍ନ କେବଳ ଅଧୁରା ହୋଇ ରହିନାହିଁ ବରଂ ପରିବର୍ଦ୍ଧିତ ରାଜନୈତିକ ତାଡ଼ନାରେ ଦିଗହରା ହୋଇ ଯାଇଛି । ଅଖଣ୍ଡ ଓ ବର୍ଦ୍ଧିତ ଭାଷାଭିତ୍ତିକ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ରାଜ୍ୟର ଅନେକ ଦିବଂଗତ ସୁଯୋଗ୍ୟ ସନ୍ତାନଙ୍କ ଇଚ୍ଛା ବାସ୍ତବ ହେବା ପରିବର୍ତ୍ତେ ରାଜ୍ୟର ସୀମା କ୍ଷୟହୋଇ ଚାଲିଛି । ନିର୍ବାଚନ ବେଳେ ସେଇ ମହାନ୍ ଦେଶ ବା ରାଜ୍ୟ ପ୍ରେମୀଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ କାହାର ପ୍ରତିବଦ୍ଧତା ପ୍ରକାଶ ପାଉନାହିଁ । କେବଳ ନିଜ ନିର୍ବାଚନ କ୍ଷେତ୍ରର ଅଧୁରା ସ୍ୱପ୍ନ ପୂରଣର ଦ୍ୱାହି ମାଧମରେ ଲୋକଙ୍କୁ ଭାବପ୍ରବଣ କରାଇ କ୍ଷମତା ଲାଭର ଆଶା, ପ୍ରବଞ୍ଚନାର ରୂପାନ୍ତର ହୋଇଯାଉଛି । ରାଜ୍ୟ ଓ ଦେଶର କ୍ଷମତାଲିପସୁ ବ୍ୟକ୍ତିମାନେ ନିଜର ଓ ନିଜ ଉତ୍ତରଦାୟାଦଙ୍କର ସମ୍ପତ୍ତି ବୃଦ୍ଧି ଉନ୍ନତିର ସ୍ୱପ୍ନ ଦେଖି ତାହା ସାର୍ଥକ କରିବା ପାଇଁ ସାମୂହିକ ସାର୍ଥକୁ ବଳି ଦେବାରେ କୁଣ୍ଠିତ ହେଉନାହାନ୍ତି ।

ଅନେକ ମାତାପିତା ନିଜ ସନ୍ତାନମାନଙ୍କୁ ଉନ୍ନତିର ଶିଖରରେ ପହଞ୍ଚାଇବାକୁ ସ୍ୱପ୍ନ ଦେଖି ନିଜ ଭବିଷ୍ୟତକୁ ନିଃସଙ୍ଗ କରାଉଥିବା ବେଳେ ସେଇ ଶିକ୍ଷିତ ଝିଅ ପୁଅମାନେ ଅସୀମ ଅର୍ଥ ଲାଭର ସ୍ୱପ୍ନ ଦେଖି ସାମାଜିକ କର୍ତ୍ତବ୍ୟରୁ ବିଚ୍ୟୁତ ହେଉଛନ୍ତି । ଦୁଇ ମହଲା କୋଠାର ମାଲିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସୁଯୋଗର ସ୍ୱପ୍ନ ଦେଖୁଥିଲାବେଳେ ସରକାରୀ ଅଧିକାରୀମାନେ ସରକାରୀ ଅର୍ଥରେ ନିଜ ସମ୍ପତ୍ତି ଓ ସାମାଜିକ ପ୍ରତିପରି ବୃଦ୍ଧିର ସ୍ୱପ୍ନ ଦେଖୁଛନ୍ତି । କିନ୍ତୁ ଦେଶର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ଯେଉଁ ବାର୍ତ୍ତା କେବଳ ଦେଇ ନ ଥିଲେ ବରଂ ବାସ୍ତବ ଜୀବନରେ ତାକୁ ଉପଯୋଗ କରିଥିଲେ ତାହା ଥିଲା, 'ରାଷ୍ଟ୍ର ପାଇଁ ଏଭଳି ସ୍ୱପ୍ନ ଦେଖ, ଯାହାର ସଫଳତା ପାଇଁ ତୁମ ଆଖିରୁ ନିଦ ହଜି ଯିବ' । ସେଇ ଅମୂଲ୍ୟ ବାଣୀର ସଫଳତା ପାଇଁ ପ୍ରୟାସ ଆଜି ଆମ ପାଇଁ ପ୍ରକୃତ ଅଧୁରା ସ୍ୱପ୍ନ ନୁହେଁ କି ?


## ଦେହକୁ ଉତ୍ତମ ପାନ

ଗୋଟିଏ ପାନପତ୍ରକୁ ଛେଚି ସେହି ରସରେ ଅଧଚାମଚ ମହୁ ମିଶାଇ ଚାଟି ଖାଇଲେ ଛାତିରେ ଜମା ହୋଇଥିବା କଫରୁ ଉପଶମ ମିଳିଥାଏ ।

ସଂଗୀତକାରମାନଙ୍କ କ୍ଷେତ୍ରରେ ପାନରସ ବହୁ ଉପକାରୀ । ଗୋଟିଏ ପାନପତ୍ର ରସରେ ୫ ବୁନ୍ଦା ମହୁ ଓ ୫ ବୁନ୍ଦା ଅଦାରସ ମିଶାଇ ସେବନ କଲେ ସ୍ୱରଭଙ୍ଗ, ଥଣ୍ଡା, କାଶ, କଫ ଦୂର ହୋଇଥାଏ ।



ଶିଶୁ ବା ବୃଦ୍ଧ ରୋଗୀମାନଙ୍କର ଝାଡ଼ା ହେଉ ନଥିଲେ, ପାନପତ୍ରର ଡେମ୍ଫକୁ ମଳଦ୍ୱାରରେ ପୂରାଇ ଅଳ୍ପ କିଛି ସମୟ ରଖିଲେ ଝାଡ଼ା ତତ୍‌କ୍ଷଣାତ୍ ହୋଇଥାଏ । ପାନପତ୍ର ମକଚି କଳରେ ଜାକିଲେ ପାୟରିଆ ଓ ଦାନ୍ତର ଯାବତୀୟ ରୋଗ ଦୂର ହୋଇଥାଏ । ପାନପତ୍ର ଆନ୍ତ୍ରିକ ରୋଗ ଓ କୃମିନାଶ ପାଇଁ ବହୁ ସାହାଯ୍ୟ କରିଥାଏ । କାନ ବିନ୍ଧୁଥିଲେ ଗୋଟିଏ ପାନପତ୍ର ରସକୁ ସାମାନ୍ୟ ଉଷୁମକରି କାନରେ ପକାଇଲେ କାନ ବିନ୍ଧା ଭଲ ହୋଇଥାଏ । ଦୃଷ୍ଟିଶକ୍ତି କମି ଆସୁଥିବା ଲୋକ ଏହାର ପତ୍ର ବ୍ୟବହାର କଲେ ଦୃଷ୍ଟିଶକ୍ତି ବୃଦ୍ଧି ହୋଇଥାଏ ।



# ପୂଜାରେ ଅତିଷ୍ଠ

**ମହାତ୍ମା ଗାନ୍ଧୀ**

ଆଦୌ କିଛି ବିଚାର ନ କରି ଜନଗଣ ମୋତେ ଯେପରି ପୂଜା କରିବାରେ ଲାଗିଛନ୍ତି, ତାହା ମୋତେ ପ୍ରକୃତରେ ଅତିଷ୍ଠ କରି ପକାଇଲାଣି । ସେମାନେ ମୋ ଉପରେ ଛେପ ପକାଉଥିଲେ ମୁଁ ହୁଏତ ଭୂମିଟି ବିଷୟରେ ଅଧିକ ନିଶ୍ଚିତ ହୋଇ ପାରୁଥାନ୍ତି । ତେବେ ହିମାଳୟ ଆକାରର ଓ ଅନ୍ୟାନ୍ୟ ମିଥ୍ୟାନୁମାନ ଗୁଡ଼ିକ ସମ୍ବନ୍ଧରେ ସ୍ୱୀକାରୋକ୍ତି କରିବା ପାଇଁ ଆଉ କୌଣସି ଆବଶ୍ୟକ ନଥାନ୍ତା । ଆଉ ପାଦ ପଛକୁ ହଟାଇ ନେବାର କିମ୍ବା କୌଣସି ପୁନଃ ସଂଯୋଜନର ମଧ କୌଣସି ପ୍ରୟୋଜନ ହୁଅନ୍ତା ନାହିଁ । ଅଧିକାଂଶ ସ୍ଥଳରେ ମୋତେ ପ୍ରଦତ୍ତ ହେଉଥିବା ଅଭିନନ୍ଦନଗୁଡ଼ିକରେ ଏଭଳି ବିଶେଷ୍ୟମାନ ରହିଥାଏ, ଯେଉଁଗୁଡ଼ିକୁ ବହନ କରିବା ନିମନ୍ତେ ମୋ' ଭିତରେ କୌଣସି ସାମର୍ଥ୍ୟ ନଥାଏ । ସେଗୁଡ଼ିକୁ ବ୍ୟବହାର କରିଥିବା ହେତୁ ସେଗୁଡ଼ିକୁ ଲେଖୁଥିବା ବ୍ୟକ୍ତିମାନଙ୍କର ଅଥବା ମୋ'ର କୌଣସି ଉପକାର ହୁଏନାହିଁ । ଏହାଦ୍ୱାରା ସେମାନେ ମୋତେ ଅନାବଶ୍ୟକ ଭାବରେ ହିଁ ଲୋକହସା କରନ୍ତି ; କାରଣ ମୋତେ ସ୍ୱୀକାର କରିବାକୁ ହେବ ଯେ, ମୁଁ ସେଗୁଡ଼ିକର ଆଦୌ ଯୋଗ୍ୟ ନୁହେଁ । ଯଦି ଯୋଗ୍ୟ ହୋଇ ପାରୁଥାନ୍ତି, ତେବେ ସେଗୁଡ଼ିକୁ ବ୍ୟବହାର କରିବାଟା ମଧ ସମ୍ପୂର୍ଣ୍ଣ ଭାବରେ ଅନାବଶ୍ୟକ ହୁଅନ୍ତା । ମୋ' ପାଖରେ ଯେତିକି ଗୁଣ ରହିଛି, ସେଗୁଡ଼ିକର ସଂଖ୍ୟା ବୃଦ୍ଧି କରିବା ଲାଗି ମୋ'ର କୌଣସି ସମର୍ଥତା ନାହିଁ ଏବଂ, ଯଦି ମୁଁ ଅସାବଧାନ ହୋଇପଡ଼ିବି, ତେବେ ସେଗୁଡ଼ିକ ଅତି ସହଜରେ ମୋ'ର ମଥାକୁ ବୁଲାଇ ଦେଇ ପାରିବେ । ଜଣେ ବ୍ୟକ୍ତି ଭଲ ବୋଲି ଯାହା କରୁଥାଏ, ତା' ବିଷୟରେ ଆଦୌ କିଛି ନକହିବା ହିଁ ସର୍ବଦା ଅପେକ୍ଷାକୃତ ଅଧିକ ଭଲ । ଅନୁକରଣଠାରୁ ବଳି ଅଧିକ ନିଷ୍ପାପର ତୋଷାମଦ ଆଉ ପ୍ରକୃତରେ କ'ଣ ଅଛି ?

ମୋତେ ଏହି ମହାତ୍ମାଟିକୁ ତା'ର ଭାଗ୍ୟ ହାତରେ ଛାଡ଼ିଦେବାକୁ ପଡ଼ିବ । ଅସହଯୋଗ ସଂଗ୍ରାମର ଜଣେ ସୈନିକ ହୋଇଥିଲେ ମଧ, ମୋତେ ମହାତ୍ମା ବୋଲି ସମ୍ବୋଧନ କରୁଥିବା ଓ ମୋ ପାଦକୁ ଛୁଉଁଥିବା ଯେକୌଣସି ବ୍ୟକ୍ତିକୁ ଅପରାଧ ବୋଲି ଘୋଷଣା କରିବା ନିମନ୍ତେ ଆଗତ ଗୋଟିଏ ବିଧେୟକୁ ମୁଁ ଆନନ୍ଦର ସହିତ ନିଶ୍ଚୟ ସମର୍ଥନ କରିବି । ଯେଉଁଠାରେ ମୁଁ ନିଜେ ସେହି ନିୟମଟିର ପ୍ରଚଳନ କରାଇ ପାରିବି, ଅର୍ଥାତ ଆଶ୍ରମରେ ସେଭଳି କରିବା ହେଉଛି ଏକ ଅପରାଧ ।

ମୁଁ ଯେଉଁ କାର୍ଯ୍ୟକ୍ରମଟିର ପ୍ରତିନିଧିତ୍ୱ କରୁଛି, ତାହାକୁ ନିଜ ଜୀବନରେ ଆଚରଣର ପରିଣତ କରିବା ଅଥବା, ସେଥିରେ ସେମାନଙ୍କର ଆସ୍ଥା ନ ଥିଲେ ସମସ୍ତ ଶକ୍ତି ଦେଇ ମୋର ପ୍ରତିରୋଧ କରିବାଦ୍ୱାରା ହିଁ ମୋର ବନ୍ଧୁମାନେ ସେମାନଙ୍କର ଉଚ୍ଚତମ ସମ୍ମାନ ପ୍ରଦର୍ଶନ କରି ପାରିବେ ।

ମଣିଷ ତ ସ୍ୱୟଂ ମାଟିରୁ ତିଆରି ହୋଇଛି । ପଟେ କାଚଠାରୁ ମଧ ସେ ଅଧିକ କ୍ଷଣଭଙ୍ଗୁର କାରଣ, ସୁରକ୍ଷିତ କରି ରଖିପାରିଲେ କାଚ ତ ହଜାରେ ବର୍ଷ ସୁରକ୍ଷିତ ହୋଇ ରହିବ, ମାତ୍ର ଜଣେ ମନୁଷ୍ୟର ଶରୀର ତ ପ୍ରତ୍ୟେକ ଦିନ କ୍ଷୟ ହୋଇଯିବାରେ ଲାଗିଛି ଏବଂ ନିର୍ଦ୍ଧାରିତ ଆୟୁଷଟି ପୂରିଗଲା ପରେ ତାହା ଅନ୍ତିମ ଭାବରେ ମାଟିରେ ମିଶିଯାଉଛି । ଏହିଭଳି ଜଣେ ମନୁଷ୍ୟର ମାଟିର ଅଥବା ଧାତୁର ଗୋଟିଏ ମୂର୍ତ୍ତି ଗଠନ କରି ସ୍ଥାପନା କରିବାକୁ ସୁଉପାର୍ଜିତ ଅର୍ଥର କେବଳ ଅପବ୍ୟୟ... ବୋଲି ହିଁ କହିବାକୁ ହେବ । ମୋ'ର ମୂର୍ତ୍ତି ବା ଫଟୋଚିତ୍ର ପ୍ରତି ରହିଥିବା ମୋ'ର ଏହି ଅଶ୍ରଦ୍ଧାକୁ ମୁଁ ମୋ' ମୁସଲମାନ ବନ୍ଧୁମାନଙ୍କଠାରୁ ଶିକ୍ଷା କରିଛି । ସେମାନଙ୍କ ସହିତ ମୋ' ଜୀବନର ଏକ ସର୍ବଶେଷ ଅଂଶ ଅତିବାହିତ ହୋଇଛି ।

ମୂର୍ତ୍ତି ସ୍ଥାପନା କରି କିମ୍ବା ମୋ' ଶରୀରାକୃତିର ଚିତ୍ର ତିଆରି କରି ଯେଉଁମାନେ ମୋ' ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଇଚ୍ଛା କରନ୍ତି, ଏହି ବାକ୍ୟଗୁଡ଼ିକ ସେମାନଙ୍କ ଲାଗି ଚେତାବନୀ ପରି କାର୍ଯ୍ୟ କରିବା ଉଚିତ୍, ଏହିସବୁ ଯାବତୀୟ ପ୍ରଦର୍ଶନକୁ ମୁଁ ଯେ ଆଦୌ ଭଲପାଏ ନାହିଁ, ସେମାନେ ଏକଥା ଜାଣନ୍ତୁ । ମୁଁ ଯେଉଁସବୁ କାର୍ଯ୍ୟକ୍ରମର ପ୍ରତିନିଧିତ୍ୱ କରୁଛି, ମୋ'ଠାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନେ ସେଗୁଡ଼ିକୁ ଅଗ୍ରସର କରାଇ ନେବା ଲାଗି ଯଥେଷ୍ଟ ସହୃଦୟତା ଦେଖାଇ ପାରିଲେ ତାହାକୁ ମୋ' ପ୍ରତି ବହୁତ ସମ୍ମାନର ପ୍ରଦର୍ଶନ ବୋଲି ମନେ କରିବି ।

ମୋତେ ଶ୍ରୀକୃଷ୍ଣ ବୋଲି ଉପସ୍ଥାପିତ କରିବାକୁ ଏକ ଈଶ୍ୱରନିନ୍ଦା ବୋଲି ହିଁ କହିବି । ମୁଁ କେବଳ ଜଣେ କର୍ମୀ ମାତ୍ର, ବୃହତ ଲକ୍ଷ୍ୟର ସାଧନ ନିମନ୍ତେ ଏକତ୍ର ହୋଇଥିବା ଅନେକଙ୍କ ମଧରେ ମୁଁ ତା'ଠାରୁ କୌଣସି ପ୍ରକାରେ ଅଧିକ ନୁହେଁ ।  ସେହି ଲକ୍ଷ୍ୟ ସାଧନର କ୍ଷେତ୍ରରେ ରହିଥିବା ନେତାମାନଙ୍କର ସ୍ତୁତିଗାନ କରିବାଦ୍ୱାରା ତାହା ଅଭିବୃଦ୍ଧି ଲାଭ କରିବା ପରିବର୍ତ୍ତେ କେବଳ କ୍ଷତିଗ୍ରସ୍ତ ହେବ । ଯେକୌଣସି ଲକ୍ଷ୍ୟକୁ ପରୀକ୍ଷା କରି ଦେଖୁବା ଉଚିତ ଏବଂ ସେଗୁଡ଼ିକରେ ରହିଥିବା ଗୁଣଗୁଡ଼ିକ ସକାଶେ ହିଁ ତାହାର ଅନୁସରଣ କରିବା ଉଚିତ୍ । ତେବେ ତାହା ସଫଳ ହେବାର ସର୍ବୋତ୍ତମ ସମ୍ଭାବନା ରହିଥିବ । ଯେକୌଣସି ଅଗ୍ରଗତିକାମୀ ସମାଜରେ ମନୁଷ୍ୟମାନଙ୍କ ଅପେକ୍ଷା ମାନଦଣ୍ଡଗୁଡ଼ିକର ହିଁ ଅଧିକ ମର୍ଯ୍ୟାଦା ରହିବା ଉଚିତ  ଯେତେ ହେଲେ ମଧ ମନୁଷ୍ୟମାନେ ହେଉଛନ୍ତି ଗୋଟିଏ ଗୋଟିଏ ନାନା ଅପୂର୍ଣ୍ଣତାଯୁକ୍ତ ଯନ୍ତ୍ର, ଯେଉଁମାନେ କି ପରିପୂର୍ଣ୍ଣତା ହାସଲ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି ।

ଯେଉଁ ଏକମାତ୍ର ଗୁଣଟିକୁ ମୁଁ ମର୍ଯ୍ୟାଦା ଦିଏ ଓ ସ୍ୱୀକାର କରେ, ତାହା ହେଉଛି ସତ୍ୟ ଏବଂ ଅହିଂସା । ମୋ' ପାଖରେ କୌଣସି ଅଲୌକିକ ଶକ୍ତି ଆଦୌ ନାହିଁ, ସେପରି କୌଣସି ଶକ୍ତି ମୁଁ ଚାହେଁନାହିଁ । ଦୁର୍ବଳତମ ଜଣେ ମନୁଷ୍ୟ ଯେଉଁ କ୍ଷୟଶୀଳ ଶରୀରକୁ ବହନ କରିଛି, ମୋ' ପାଖରେ ମଧ ତାହାହିଁ ରହିଛି ଏବଂ ତେଣୁ, ଯେକୌଣସି ମନୁଷ୍ୟ ପରି ମୁଁ ମଧ ଅବଶ୍ୟ ଯାବତୀୟ ଭୁଲ କରିପାରିବି । ମୋର ସକଳ କାର୍ଯ୍ୟରେ ଅନେକ ସୀମାବଦ୍ଧତା ରହିଛି, ଏହିସବୁ ଅପୂର୍ଣ୍ଣତା ସତ୍ତ୍ୱେ ଈଶ୍ୱର ଏପର୍ଯ୍ୟନ୍ତ ସେହି କାର୍ଯ୍ୟଗୁଡ଼ିକୁ କରୁଣା ପ୍ରଦର୍ଶନ କରି ଆସିଛନ୍ତି ।

ମୋ'ଠାରେ ବିଶେଷ ଭାବରେ କୌଣସି ଦିବ୍ୟ ସାମର୍ଥ୍ୟ ଅଛି ବୋଲି ମୁଁ ଦାବି କରୁନାହିଁ, ମୁଁ ଜଣେ ଦେବଦୂତ ବୋଲି ଅଦୌ ଦାବି କରୁନାହିଁ । ମୁଁ ଜଣେ ସାମାନ୍ୟ ମନୁଷ୍ୟ ହିସାବରେ ସତ୍ୟର ଅନ୍ୱେଷଣ କରୁଛି ତାହାକୁ ପାଇବି ବୋଲି ସଂକଳ୍ପ କରି ବାହାରିଛି । ଭଗବାନଙ୍କୁ ପ୍ରତ୍ୟକ୍ଷଭାବରେ ଦେଖିବା ନିମନ୍ତେ ମୁଁ କଦାପି କୌଣସି ତ୍ୟାଗକୁ ମଧ ଅତି ବଡ଼ ବୋଲି ବିଚାର କରେନାହିଁ । ମୋ' କାର୍ଯ୍ୟକଳାପର ସମୁଦାୟ କ୍ଷେତ୍ରଟି, ତାହାକୁ ସାମାଜିକ, ରାଜନୀତିକ, ମାନବିକ ଅଥବା ନୈତିକ ଯାହା ବୋଲି କୁହାଯାଉ ପଛକେ, ତାହା ସେହି ଲକ୍ଷ୍ୟର ପ୍ରାପ୍ତି ଲାଗି ଉଦ୍ଦିଷ୍ଟ ହୋଇ ରହିଛି ।

ଭଗବାନ ତାଙ୍କର ସୃଷ୍ଟି ଉଚ୍ଚ ତଥା ଶକ୍ତିମାନ ଜୀବମାନଙ୍କ ତୁଳନାରେ ନିମ୍ନତମମାନଙ୍କ ଭିତରେ ବିରାଜିତ ରହିଛନ୍ତି ବେଲି ମୋତେ ଜଣାଥିବାରୁ, ମୁଁ ଏହିମାନଙ୍କ ସ୍ତରରେ ଯାଇ ପହଞ୍ଚି ପାରିବାକୁ ସଂଗ୍ରାମ କରୁଛି । ସେମାନଙ୍କ ସେବା ବ୍ୟତୀତ ମୁଁ କଦାପି ସେପରି କରି ପାରିବିନାହିଁ । ସେଥପାଇଁ ଅବଦମିତ ହୋଇ ରହିଥିବା ମନୁଷ୍ୟବର୍ଗ ମାନଙ୍କର ସେବା କରିବାକୁ ମୋର ଏହି ପ୍ରବଳ ବାସନା ରହିଛି । ଯେହେତୁ ରାଜନୀତି ଭିତରେ ପ୍ରବେଶ ନକରି ମୁଁ ଆଦୌ ସେବା କରି ପାରିବିନାହିଁ, ସେଇଥପାଇଁ ମୁଁ ରାଜନୀତି ମଧକୁ ଆସିଛି । ତେଣୁ ମୁଁ କୌଣସି ପ୍ରବୀଣ ସାମର୍ଥ୍ୟଧାରୀ ନୁହେଁ । ମୁଁ ହେଉଛି ଭାରତବର୍ଷର ଏବଂ ତାହାରି ମାଧମରେ ମାନବ ଜାତିର ଜଣେ ସଂଗ୍ରାମ କରୁଥିବା, ଭୁଲ କରୁଥିବା ସାମାନ୍ୟ ଭୃତ୍ୟ ମାତ୍ର ।

ଅମେ ସବୁ ନିଜକୁ କିପରି ଧୋକା ଦେଉ, ସେହି ବିଷୟରେ ପ୍ରକୃତରେ ଆଚମ୍ବିତ ହେବାକୁ ହୁଏ । ଏହି କ୍ଷୟିଷ୍ଣୁ ଶରୀରଟିକୁ ଅଜେୟ କରି ରଖିହେବ ବୋଲି ଅମେ କଳ୍ପନା କରିଥାଉ ଏବଂ ଆତ୍ମାର ଲୁକ୍କାୟିତ ଶକ୍ତିଗୁଡ଼ିକୁ ଆବାହନ କରି ଆଣିବା ଆଦୌ ସମ୍ଭବ ନୁହେଁ ବୋଲି ଭାବିଥାଉ । ଯଦି ମୋ' ଭିତରେ ଏହିପରି କୌଣସି ଶକ୍ତି ରହିଥାଏ, ତେବେ ବର୍ତ୍ତମାନ ମୁଁ ତାହାହିଁ ଦର୍ଶାଇ ଦେବାକୁ ଚେଷ୍ଟା କରିବାରେ ଲାଗିଛି ଯେ, ମୁଁ ଆମ ଯେକୌଣସି ମଣିଷଙ୍କ ପରି ଏକାନ୍ତ ଅନ୍ଧବଳ ଏବଂ ମୋ' ଭିତରେ କେବେହେଲେ ଅସାଧାରଣ ବୋଲି କିଛି ଆଦୌ ନଥିଲା, ବର୍ତ୍ତମାନ ମଧ ନାହିଁ ।

ମୋତେ ଦେବଦୂତମାନଙ୍କ ସହିତ ତୁଳନାକରି ସେମାନଙ୍କ ପଂକ୍ତିରେ ନେଇ ବସାଇ ଦିଆଯିବାର କୌଣସି ଯୋଗ୍ୟତା ମୋ' ପାଖରେ ଅଛି ବୋଲି ମୁଁ ବିଚାର କରୁନାହିଁ । ମୁଁ ତ ସତ୍ୟର ଜଣେ ସାମାନ୍ୟ ଅନ୍ୱେଷକ ହୋଇ ବାହାରିଛି । ମୁଁ ଆତ୍ମ-ଉପଲବ୍ଧି ଲାଗି ଅଧିର ହୋଇ ରହିଛି, ମୋର ଏହି ଜୀବନରେ ହିଁ ମୋକ୍ଷ ଲାଭ କରିବାକୁ ଆକୁଳ ହେଉଛି । ଜାତିର କ୍ଷେତ୍ରରେ ମୋର ଯାବତୀୟ ସେବାକାର୍ଯ୍ୟ ହେଉଛି ମୋର ଆତ୍ମାକୁ ଶରୀର ବାସନାର ବନ୍ଧନରୁ ନିଜକୁ ମୁକ୍ତ କରି ଆଣିବାର ପ୍ରଶିକ୍ଷଣର ଏକ ଅଂଶମାତ୍ର । ଏହି ଦୃଷ୍ଟିରୁ ବିଚାର କଲେ ମୋର ସେହି ସେବାକୁ ସମ୍ପୂର୍ଣ୍ଣ ଭାବରେ ଏକ ସ୍ୱାର୍ଥ ପ୍ରଣୋଦିତ କାର୍ଯ୍ୟ ବୋଲି ମଧ କୁହାଯାଇପାରେ । ଏହି ପୃଥିବୀର କ୍ଷୟଶୀଳ ସାମ୍ରାଜ୍ୟ ନିମନ୍ତେ ମୋର କୌଣସି ଆକାଂକ୍ଷା ଆଦୌ ନାହିଁ । ମୁଁ ସ୍ୱର୍ଗର ସାମ୍ରାଜ୍ୟଲାଗି ଆକାଂକ୍ଷା ରଖୁଛି ଓ ଚେଷ୍ଟିତ ଅଛି, ତାହାକୁ ମୋକ୍ଷ ବୋଲି କହୁଛି ।

ମୁଁ ନିଜକୁ ଜଣେ ସାଧାରଣ ମନୁଷ୍ୟଠାରୁ କୌଣସି ଗୁଣରେ ଅଧିକ ବୋଲି ଦାବି କରୁନାହିଁ । ଜଣେ ସାଧାରଣ ମଣିଷ ତୁଳନାରେ ମୋ ପାଖରେ କମ୍ ସାମର୍ଥ୍ୟ ରହିଛି । ଅତ୍ୟନ୍ତ ଶ୍ରମସାଧ ଗବେଷଣା ଫଳରେ ମୁଁ ଯେଉଁ ଅହିଂସା ବା ସଂଯମ ହାସଲ କରିପାରିଛି, ସେଥିଲାଗି ମଧ ମୁଁ କୌଣସି ସ୍ୱତନ୍ତ୍ର ବାହାଦୁରୀ ଆଦୌ ଦାବି କରିବିନାହିଁ । ଏହି ବିଷୟରେ ମୋର ଲେଶମାତ୍ର ସନ୍ଦେହ ନାହିଁ ଯେ, ଯଦି କେହି ଠିକ ମୋରି ପରି ଉଦ୍ୟମ କରିବ ଏବଂ ନିଜଭିତରେ ସେହିଭଳି ଆଶା ଏବଂ ବିଶ୍ୱାସକୁ କର୍ଷଣ କରି ରଖିବ, ତେବେ ପୁରୁଷ ହେଉ ବା ସ୍ତ୍ରୀ ହେଉ ଯେ କୌଣସି ବ୍ୟକ୍ତି ମୁଁ ଯାହାକିଛି ହାସଲ କରିଛି, ତାହାକୁ ଅବଶ୍ୟ ହାସଲ କରିପାରିବ ।

ମୋର କେତେଜଣ ପତ୍ରପ୍ରେରକ ଏପରି ଭାବୁଥିବାପରି ମନେ ହେଉଛି ଯେ, ମୁଁ ଅଲୌକିକ ବହୁତ କିଛି କଥା ସମ୍ଭବ କରିଦେଇ ପାରିବି । ସତ୍ୟର ଜଣେ ଉପାସକ ହିସାବରେ ଏଠାରେ ମୋର ଏକଥା କହିଦେବା ଉଚିତ ଯେ, ମୋ' ପାଖରେ ଆଦୌ ସେପରି କୌଣସି ଅସାଧାରଣ ଶକ୍ତି ନାହିଁ । ମୋ ପାଖରେ ଯାହାକିଛି ଶକ୍ତି ଅଛି, ତାହା ପରମେଶ୍ୱରଙ୍କ ପାଖରୁ ଆସୁଛି । ମାତ୍ର ପରମେଶ୍ୱର କଦାପି ଅପରୋକ୍ଷଭାବରେ କାର୍ଯ୍ୟ କରନ୍ତିନାହିଁ । ସେ ତାଙ୍କର ଅଗଣିତ ମାଧମଗୁଡ଼ିକ ସାହାଯ୍ୟରେ ହିଁ ଯାହାକିଛି କରନ୍ତି ।

# ସ୍ୱର୍ବେଦ


**ଦେହୀ ମାହଁ ୱିଦେହ ହୈ,**
**ପରଖୋ ଆପନ ରୂପ ।**
**ପ୍ରକୃତି ତ୍ରିଗୁଣ ମେଁ ନା ବହୋ,**
**ଅଜର ଅମର ତତ୍ତ୍ୱ ରୂପ ।। ୩୨।।**

ଭାଷ୍ୟ - ଶୁଦ୍ଧ ରୂପରେ ଆତ୍ମାର ପ୍ରାକୃତିକ ଦେହ ନ ଥାଏ । ସେ ଏହି ଦେହ ସଂଘାତରେ ରହି ନିଜ ଯୋଗ ବିଜ୍ଞାନରୁ ଅସଙ୍ଗ ତଥା ବିଦେହ ଅଟେ । ସେଥିପାଇଁ ନିଜ ସ୍ୱରୂପକୁ ସଦ୍‌ଗୁରୁ ଭେଦ ଦ୍ୱାରା ପ୍ରତ୍ୟକ୍ଷ ଦେଖନ୍ତୁ ଆଉ ପ୍ରକୃତି ତ୍ରିଗୁଣରେ ଆତ୍ମଚେଷ୍ଟାକୁ ପ୍ରବାହିତ ନ କରି ନିଜ ସ୍ଥାନରେ ସ୍ଥିର ରଖନ୍ତୁ, ତେବେ ଆପଣଙ୍କର ଚେତନ ସ୍ୱରୂପ ସ୍ପଷ୍ଟ ପ୍ରକଟ ହେବ ।

**ନିଜ ସ୍ୱରୂପ କୋ ଦେଖ ଲେ,**
**ଫିର ମାୟା କୋ ଦେଖ ।**
**କହାଁ ଜନ୍ମ କହାଁ ମରଣ ହୈ,**
**ଧୋଖା ଜଗ କର ରେଖ ।।୩୩।।**

ଭାଷ୍ୟ - ଯୋଗ ଯୁକ୍ତି ଦ୍ୱାରା ନିଜ ସ୍ୱରୂପକୁ ଦେଖି ପୁଣି ମାୟାକୁ ଦେଖନ୍ତୁ । କେଉଁଠି ଜନ୍ମ ଆଉ କେଉଁଠି ମରଣ ଅଛି । ଜନ୍ମ ମୃତ୍ୟୁ ସଂସାରର ଧୋକା ଅଟେ । ନିଜ ଶୁଦ୍ଧ ସ୍ୱରୂପ ପ୍ରାପ୍ତି ହେବା ପରେ ପ୍ରକୃତିର ସଙ୍ଗ ଛାଡ଼ିଯାଏ, ସେତେବେଳେ ଆତ୍ମାର ଆତଯାତର ପ୍ରବାହ ବନ୍ଦ ହୋଇଯାଏ । ଆତ୍ମା ପ୍ରକୃତିର ତ୍ରିଗୁଣରୁ ଜାତ କର୍ମ ଓ ତାହାର ସମ୍ବନ୍ଧରୁ ମୁକ୍ତ ଶୁଦ୍ଧ, ଚେତନ, କୂଟସ୍ଥ ଏବଂ ନିତ୍ୟ ପଦାର୍ଥ ଅଟେ ।

**ଆପ ଆପ କୋ ଦେଖିଏ, ଆପ**
**ମେଁ ଆପ ସ୍ୱରୂପ ।**
**ଦେୱ୍ୱ ସଦାଫଲ ଆପ ସେ,**




**ଅଖିଲ ୱିଶ୍ୱ ଭଓ୍ୱ ରୂପ ।।୩୪।।**

ଭାଷ୍ୟ - ଆତ୍ମା ନିଜ ଚେତନ ଶକ୍ତିକୁ ଜଡ଼ କରଣରୁ ସାଉଁଟି ଆଣି ନିଜ ଭିତରେ ସ୍ଥିର କରିଦିଏ । ସେତେବେଳେ ସେ ନିଜ ସ୍ୱରୂପକୁ ଦେଖେ ଆଉ ନିଜ ସ୍ୱରୂପରେ ବ୍ୟାପକ ପରମାନନ୍ଦ ପରମ ପୁରୁଷଙ୍କୁ ପ୍ରାପ୍ତ କରେ । ସେହି ପରମ ପୁରୁଷଙ୍କ ପୂର୍ଣ୍ଣ ସତ୍ତାରେ ଏହି ବିଶାଳ ଜଗତର ସୃଷ୍ଟି ହୋଇଛି । ଆତ୍ମା ଆଉ ପ୍ରକୃତିରେ ପୂର୍ଣ୍ଣ ସତ୍‌ପୁରୁଷ ଓତଃପ୍ରୋତ ବ୍ୟାପକ ଅଟନ୍ତି ।

।। ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ,
ପ୍ରଥମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।

(ତୃତୀୟ ମଣ୍ଡଳ)- ଦ୍ୱିତୀୟ ଅଧ୍ୟାୟ

**ପ୍ରୀତି ରୀତି ୱହ ଧନ୍ୟ ହୈ, ବନତ**
**ପ୍ରିତମ କର ରୂପ ।**
**ରୂପ ୱିଜାତି ଅଭାଓ୍ୱ ମେଁ, ଆପ**
**ସ୍ୱଧର୍ମ ଅନୂପ ।।୦୧।।**

ଭାଷ୍ୟ - ସେହି ପ୍ରୀତି ଧନ୍ୟ ଅଟେ ଯେଉଁ ପ୍ରୀତି ପ୍ରିୟତମର ସ୍ୱରୂପ ବନେଇ ଦିଏ ଆଉ ବିଜାତୀୟ ସ୍ୱରୂପର ଅଭାବରେ ନିଜ ଅନୁମପ ପ୍ରିୟତମର ଧର୍ମକୁ ପ୍ରାପ୍ତ ହୋଇଯାଏ ।

**ସାଧନ ୱହ ପର ଧନ୍ୟ ହୈ,**
**ଜେହି ସାଧନ ସବ ଆୟ ।**
**ଅନୁପମ ଅଗମ ଅଗାଧି ମେଁ,**
**ଅନୁଭଓ୍ୱ ଅଲଖ ଲଖାୟ ।।୦୨।।**

ଭାଷ୍ୟ - ସେହି ଶ୍ରେଷ୍ଠ ସାଧନା ଧନ୍ୟ ଅଟେ ଯେଉଁଥିରେ ସମସ୍ତ ସାଧନା ଆସିଯାଏ ଏବଂ ଯାହା ଦ୍ୱାରା ଅଗମ୍ୟ-ଗମ୍ୟ, ଅନୁପମ, ଅଦୃଶ୍ୟ ଏବଂ ତତ୍ତ୍ୱ ଅନୁଭବରେ ପ୍ରତ୍ୟକ୍ଷ ହୋଇଥାଏ । ପ୍ରକୃତିପାର ବିହଙ୍ଗମ ଯୋଗର ସାଧନା ବଳରେ ଅଗୋଚର ପରଂବ୍ରହ୍ମ ତତ୍ତ୍ୱ ଅନୁଭବ ପ୍ରତ୍ୟକ୍ଷ ଏବଂ ସାକ୍ଷାତ୍‌କାର ହୋଇଥାଏ ।

ୱହ ଉନ୍ନତି ୱର ଧନ୍ୟ ହୈ, ସବ ଉନ୍ନତି ଜେହି ଆୟ ।

ଶେଷ ମିଲନ କୁଛ ହୈ ନହୀଁ, ଜେହି ଅପ୍ରାପ୍ତ ରହ ଜାୟ ।।୦୩।।

ଭାଷ୍ୟ - ଜୀବନର ସେହି ସର୍ବୋତ୍କୃଷ୍ଟ ବିକାଶ ଧନ୍ୟ ଅଟେ ଯେଉଁଥିରେ ସର୍ବାଙ୍ଗୀନ ଉନ୍ନତି ହୋଇଥାଏ ଅଥବା ଯେଉଁଥିରେ ଅପ୍ରାପ୍ତ ବୋଲି କୌଣସି ବସ୍ତୁ ରହିଯାଏ ନାହିଁ ।

**ୱହ ତ ପରମ ସୁଖ ଧନ୍ୟ ହୈ,**
**ଜେହି ମହଁ ସବ ସୁଖ ଆୟ ।**
**ଜେହି ମହଁ ଦୁଖ ନହିଁ ଲେଶ ହୈ,**
**ସହଜ ସ୍ୱଭାଓ୍ୱ ରହାୟ ।।୦୪।।**

ଭାଷ୍ୟ - ସେହି ପରମ ସୁଖ ଧନ୍ୟ ଅଟେ, ଯେଉଁଥିରେ ସମସ୍ତ ସୁଖ ସମାହିତ ହୋଇଯାଏ । ଯେଉଁଥିରେ ଦୁଃଖର ଲେଶମାତ୍ର ସମ୍ବନ୍ଧ ନାହିଁ, ଯାହା ସ୍ୱାଭାବିକ ରୂପରେ ଆତ୍ମାକୁ ସର୍ବଦା ପ୍ରାପ୍ତ ହୋଇଥାଏ ।

**ୱହ ତୋ ଅୱସ୍ଥା ଧନ୍ୟ ହୈ,**
**ଚେତନ ଚେତନ ଭାଓ୍ୱ ।**
**ଚେତନ ଦୃଶ୍ୟ ଅନନ୍ତ ହୈ,**
**ଚେତ ଅସୀମ ସମାଓ୍ୱ ।।୦୪।।**

ଭାଷ୍ୟ - ସେହି ଅବସ୍ଥା ଧନ୍ୟ ଅଟେ ଯେଉଁଥିରେ ଚେତନ ସହିତ ଚେତନର ସମ୍ବନ୍ଧ ରହିଥାଏ ଆଉ ଜ୍ଞାନମୟ ପରିପୂର୍ଣ୍ଣ ଅନନ୍ତ ଚେତନ ଦୃଶ୍ୟର ପ୍ରାପ୍ତି ନିଜ ଭିତରେ ଅନୁଭବ ହୋଇଥାଏ ।

**ୱହ ଅୱସ୍ଥା ଧନ୍ୟ ହୈ, ସବ କୁଛ**
**କର କ୍ରିୟ ନାହିଁ ।**
**ସର୍ୱ୍ୱ ଭୋଗ କର ନହିଁ କରେ,**
**ପଦ୍‌ମ ପତ୍ର ଜଲ ମାହିଁ ।।୦୬।।**

ଭାଷ୍ୟ - ସେହି ସ୍ଥିତି ଧନ୍ୟ ଅଟେ, ଯେଉଁଥିରେ ସବୁକିଛି କରି ସୁଦ୍ଧା କିଛି କରିହୁଏ ନାହିଁ ଏବଂ ଜଳରେ ପଦ୍ମ ପତ୍ର ସଦୃଶ ନିର୍ଲେପ ରହି ସମସ୍ତ ଭୋଗଗୁଡ଼ିକୁ ଉପଭୋଗ କରି ମଧ୍ୟ ସେଗୁଡ଼ିକର ଭୋଗ କରିହୁଏ ନାହିଁ । ଯୋଗଜୀତ ସ୍ଥିତିରେ ଇନ୍ଦ୍ରିୟମାନଙ୍କର ଭୋଗ ପ୍ରାପ୍ତ ହୋଇ ସୁଦ୍ଧା ସେମାନଙ୍କର ବିଷୟ ପ୍ରତି ଆକର୍ଷଣ ହୁଏ ନାହିଁ । ସେଥିପାଇଁ ସେହି ଅସଙ୍ଗ ବିରକ୍ତ ଅବସ୍ଥାରେ ହେଉଥିବା କର୍ମମାନଙ୍କରେ ଯୋଗୀ ବିଦେହୀ ହୋଇ ତାହାର ଉପଭୋକ୍ତା ହୋଇଥାଏ । ସେଥିପାଇଁ ସେହି କର୍ମଗୁଡ଼ିକରେ ଯୋଗୀକୁ ନିର୍ଲେପ ବୋଲି ଅଭିହିତ କରାଯାଇଛି ।

# ସ୍ୱାସ୍ଥ୍ୟ ହିତରେ ମହୁ ଓ ହଳଦୀ



ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମହୁ ଓ ହଳଦୀର ବିଶେଷ ଭୂମିକା ରହିଛି । ଏହାକୁ ମିଶାଇ ଖାଇଲେ ହୋଇଥାଏ ଅନେକ ଉପକାର । ହଳଦୀରେ କରକ୍ୟୁମିନ୍ ଏବଂ ମହୁରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ । ଶରୀରର ଅନାବଶ୍ୟକ ମେଦ ହ୍ରାସ କରିବାରେ ଏହା ସାହାଯ୍ୟ କରିଥାଏ । ଏହି ଦୁଇଟି ପଦାର୍ଥରେ ଆଣ୍ଟି ଇନଫଲମେଟରୀ ଗୁଣ ରହିଥାଏ । ଗଣ୍ଠିଜନିତ କଷ୍ଟ ଦୂର କରିବାରେ ମଧ ଏହା ସାହାଯ୍ୟ କରିଥାଏ । ଏ ଦୁଇଟି ମିଶାଇ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ବଢ଼ିଥାଏ ।

ଏଥିରେ ଫ୍ଲେଓ୍ୱନାଇଟସ୍ ଥାଏ । ଯାହା କର୍କଟ ପରି ଦୁରାରୋଗ୍ୟ ରୋଗର ସମସ୍ୟାକୁ କମ୍ କରିଥାଏ ।

ହଳଦୀ ଏବଂ ମହୁରେ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଥାଏ । ଏହାକୁ ଖାଇଲେ ତ୍ୱଚା କୋମଳ ଏବଂ ଉଜ୍ଜ୍ୱଳ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଠିକ୍ ରହିଥାଏ । ମଧୁମେହରୁ ରକ୍ଷା କରିବାରେ ମଧ ଏହା ସାହାଯ୍ୟ କରିଥାଏ ।

ଏହା କୋଲେଷ୍ଟ୍ରୋଲ ସ୍ତରକୁ ଠିକ୍ ରଖିଥାଏ । ହୃଦଘାତ ପରି ଭୟଙ୍କର ସମସ୍ୟାରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଏଥିରେ ଥିବା ପୋଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ହଳଦୀ ଏବଂ ମହୁ ମିଶ୍ରଣରେ ଫାଇବର୍ ଥାଏ । ଏହାକୁ ଖାଇବା ଦ୍ୱାରା ହଜମ ଠିକ୍ ଭାବେ ହେବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ହଳଦୀ ଓ ମହୁରେ ଫସ୍‌ଫରସ୍ ଥାଏ । ଏଥିରେ ଦାନ୍ତ ମଜଭୁତ୍ ହୋଇଥାଏ । ଯାହା ଦାନ୍ତକୁ ମଜଭୁତ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ ।

## ଟିକିଏ ହସନ୍ତୁ

**ସ୍ୱାମୀ :** ତୁମ ପାଖରେ ଡ୍ରାଇଭିଂ ଲାଇସେନ୍ସ ଥିଲା ତଥାପି ତୁମେ ଫାଇନ୍ କାହିଁକି କାଟିଲ ?
**ସ୍ତ୍ରୀ :** ସେଥିରେ ମୋ ଫଟୋ ଭଲ ନ ଥିଲା । ସେଥିପାଇଁ ପୁଲିସବାବୁଙ୍କୁ ଦେଖାଇଲିନି ।

× × ×

**ଶିକ୍ଷକ :** ତତେ ପକ୍ଷୀର ଗୋଡ଼ ଦେଖି ତା'ର ନାଁ କହିବାକୁ ହେବ ।
**ଚମ୍ପୁ :** ସାର୍ ମତେ ଆସିବନି ।
**ଶିକ୍ଷକ :** ତା' ହେଲେ ତୁ ଫେଲ୍ ହେଇଗଲୁ । ତୋ ନାଁ କ'ଣ କହିଲୁ ?
**ଚମ୍ପୁ :** ମୋର ଗୋଡ଼ ଦେଖି କୁହନ୍ତୁ ।

× × × × ×

**ସ୍ୱାମୀ :** ଶୁଣ ରାତିରେ ଫୋନ୍ ଚାର୍ଜରେ ଲଗାଇ ଶୋଇବନି ବ୍ୟାଟେରି ଫାଟିଯିବ ।
**ସ୍ତ୍ରୀ :** ତୁମେ ଚିନ୍ତା କରନି ମୁଁ ବ୍ୟାଟେରି କାଢ଼ି ଚାର୍ଜ କରିବି ।

× × × × ×

**ବୋହୂ :** ମୁଁ ଭୂତୁଣୀ ପରି ଦେଖାଯାଉଛି କି ?
**ଶାଶୂ :** ନାଁ, ବିଲକୁଲ ନୁହେଁ ।
**ବୋହୂ :** ମୋ ଆଖି ବେଙ୍ଗ ପରି କି ?
**ଶାଶୂ :** ନା ।
**ବୋହୂ :** କ'ଣ ମୁଁ ମଇଁଷି ପରି ମୋଟା ଓ କଳା ?
**ଶାଶୂ :** ନାହିଁ ଝିଅ ।
**ବୋହୂ :** ତା'ହେଲେ ପଡୋଶୀ ଲୋକେ କ'ଣ ପାଇଁ ମତେ କହୁଛନ୍ତି ମୁଁ ତ ପୁରାପୁରି ମୋ ଶାଶୂ ପରି ଦେଖାଯାଉଛି ।



× × × ×

ସ୍ୱାମୀ କୋଲଡ୍ରିଙ୍କ ବୋତଲ ସାମ୍ନାରେ ରଖି ମନ ଦୁଃଖରେ ବସିଥିଲା । ସ୍ତ୍ରୀ ଆସି ସବୁ କୋଲଡ୍ରିଙ୍କ ପିଇ ଦେଲା ।
**ସ୍ତ୍ରୀ :** କାହିଁକି ମନ ଦୁଃଖରେ ବସିଛ ? କ'ଣ ହେଇଛି ?
**ସ୍ୱାମୀ :** ସକାଳେ ତୁମ ସହିତ ଝଗଡା ହେଲା । ରାସ୍ତାରେ ଗାଡି ଖରାପ ହେଇଗଲା । ସେଥିପାଇଁ ଅଫିସ୍‌ରେ ବିଳମ୍ବରେ ପହଞ୍ଚିଲି । ବସ୍ ଚାକିରିରୁ ବାହାର କରି ଦେଲେ । ଏବେ ସୁଇସାଇଡ୍ କରିବି ବୋଲି କୋଲଡ୍ରିଙ୍କରେ ବିଷ ମିଶାଇ ରଖିଥିଲି । ହେଲେ ତୁମେ ପିଇଦେଲ ।

× × × × ×

**ସ୍ତ୍ରୀ :** ମତେ ଭଲ ପାଉଛ ?
**ସ୍ୱାମୀ :** ଶାହଜାହାଁ ପରି ।
**ସ୍ତ୍ରୀ :** ମୁଁ ମଲା ପରେ ତାଜମହଲ ବନେଇବ ?
**ସ୍ୱାମୀ :** ଜାଗା କିଣି ସାରିଛି ଡେରି ତ ତୁ କରୁଛୁ ।

× × × × ×

**ସ୍ତ୍ରୀ :** ଆମର ବାହାଘର ୨୫ ବର୍ଷ ବିତିଗଲାଣି । କେତେ ଜଲଦି ଏତେ ବର୍ଷ ଚାଲିଗଲା ଜଣା ପଡିଲାନି ।
**ସ୍ୱାମୀ :** ସମୟ କଏଦୀକୁ ଜଣାପଡିଥାଏ ଜେଲରକୁ ନୁହେଁ ।

# ରୁଦ୍ରାକ୍ଷ - ଔଷଧୀୟ ଗୁଣରେ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଏହା ଏକ ଚିରସବୁଜ ବୃକ୍ଷ, ଯାହା ଦ୍ରୁତ ଗତିରେ ବିକଶିତ ହୋଇଥାଏ । ଏହି ବୃକ୍ଷରେ ୩-୪ ବର୍ଷ ପରେ ଫଳ ଫଳିବା ପ୍ରାରମ୍ଭ ହୋଇଯାଏ । ଏହା ସହିତ ଏହି ବୃକ୍ଷ ସବୁଜିମାପୂର୍ଣ୍ଣ ହୋଇ ବହୁତ ସୁନ୍ଦର ଦିଶେ । ବସନ୍ତ ଋତୁରେ ଏଥିରେ ପ୍ରଚୁର ଧଳା ଫୁଲ ଫୁଟିଥାଏ, ଫଳରେ ଏହା ପରି ବେଶର ସୌନ୍ଦର୍ଯ୍ୟ ରାଶି ବୃଦ୍ଧି କରିଥାଏ ।

ରୁଦ୍ରାକ୍ଷ ବୃକ୍ଷର ବୈଜ୍ଞାନିକ ନାମ ହେଉଛି – ଇଲିୟୋକାର୍ପସ ଗେନିଟ୍ରସ । ଏହା ହାରାହାରି ୬୦ ରୁ ୮୦ ଫୁଟ ଉଚ୍ଚ ହୋଇଥାଏ ଏବଂ ୧୫୦ରୁ ୨୦୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ବଢ଼ୁଥିବାର ଦେଖାଯାଇଛି । ରୁଦ୍ରାକ୍ଷର ୩୦୦ରୁ ଉର୍ଦ୍ଧ୍ୱ ପ୍ରଜାତି ରହିଛି, ଯାହା ମଧରୁ ୩୫ ପ୍ରଜାତି ଭାରତରେ ଦେଖାଯାଏ । ଗୋଟିଏ ପୂର୍ଣ୍ଣ ବିକଶିତ ବୃକ୍ଷ ସାରା ବର୍ଷରେ ପ୍ରାୟ ୧୦୦୦ରୁ ୨୦୦୦ଟି ଫଳ ଦେଇଥାଏ ।

ପ୍ରାଚୀନ କାଳରେ ୧୦୮ ମୁଖୀ ରୁଦ୍ରାକ୍ଷ ଥିଲା ବୋଲି ମାନ୍ୟତା ରହିଛି, କିନ୍ତୁ ବର୍ତ୍ତମାନ ଏଥିରେ ୧ ରୁ ୨୧ଟି ରେଖା ଅର୍ଥାତ୍ ମୁଖ ଥିବାର ଦେଖାଯାଏ । ନେପାଳରେ ୨୭ ମୁଖୀ ରୁଦ୍ରାକ୍ଷ ମଧ ମିଳିଥାଏ । ରୁଦ୍ରାକ୍ଷକୁ ମିଲିମିଟରରେ ମପାଯାଏ । ଇଣ୍ଡୋନେସିଆରେ ମିଳୁଥିବା ରୁଦ୍ରାକ୍ଷ ୫ ରୁ ୨୫ ମି.ମି. ମଧରେ ହୋଇଥାଏ, କିନ୍ତୁ ନେପାଳରେ ମିଳୁଥିବା ରୁଦ୍ରାକ୍ଷ ୨୦ ଓ ୩୫ ମି.ମି. ହୋଇଥାଏ ।

୧୪ ମୁଖୀ ରୁଦ୍ରାକ୍ଷକୁ ସବୁଠାରୁ ଶକ୍ତିଶାଳୀ ରୁଦ୍ରାକ୍ଷ କୁହାଯାଏ, ଯେତେବେଳେ କି ଏକମୁଖୀକୁ ସବୁଠାରୁ ବିରଳ, ପବିତ୍ର ତଥା ଶ୍ରେଷ୍ଠ ମନେ କରାଯାଏ । ଏହାକୁ ସାକ୍ଷାତ୍ ବିଶ୍ୱ ସ୍ୱରୂପ କୁହାଯାଏ । ମହାଭାଗବତ ପୁରାଣରେ କୁହାଯାଇଛି – ଯେଉଁ ଘରେ ଏକମୁଖୀ ରୁଦ୍ରାକ୍ଷ ଥାଏ, ସେହି ଘରେ ସର୍ବଦା ମାତା ଲକ୍ଷ୍ମୀ ବାସ କରନ୍ତି । ୪, ୫ ଓ ୬ ମୁଖୀ ରୁଦ୍ରାକ୍ଷ ସବୁଠାରୁ ସାଧାରଣ । ପଞ୍ଚମୁଖୀ ରୁଦ୍ରାକ୍ଷ ସବୁଠାରୁ ଅଧିକ ପରିମାଣରେ ଓ କମ୍ ମୂଲ୍ୟରେ ଉପଲବ୍ଧ ହୋଇଯାଏ, କିନ୍ତୁ ୧ ମୁଖୀ, ୧୪ ମୁଖୀ ଓ ୨୧ ମୁଖୀ ରୁଦ୍ରାକ୍ଷ ଦୁର୍ଲଭ ତଥା ବହୁତ ମହଙ୍ଗା ହୋଇଥାଏ ।

ରୁଦ୍ରାକ୍ଷ ଫଳ ପାଚିଗଲେ ନୀଳ ରଙ୍ଗର ହୋଇଥାଏ, ସେଥି ପାଇଁ ଏହାକୁ ବ୍ଲୁବେରି ବିଡ୍ସ କୁହାଯାଏ । ଏହାର ସାଧାରଣ ରଙ୍ଗ ମାଟିଆ ହୋଇଥାଏ, କିନ୍ତୁ ଧଳା, କଳା, ହଳଦିଆ ଓ ଲାଲ ରଙ୍ଗର ରୁଦ୍ରାକ୍ଷ ମଧ ମିଳିଥାଏ । ରୁ ଦ୍ରାକ୍ଷ ଫଳ ପ୍ରାରମ୍ଭରେ ସବୁଜ କୋଳି ପରି ଦେଖାଯାଏ, ଯାହା ସମୟ କ୍ରମେ ନୀଳ ରଙ୍ଗ ଧାରଣ କରି ନିଏ । ପାଚିଲା ଫଳ ସ୍ୱତଃ ଭୂମି ଉପରେ ଖସିପଡ଼େ । ଫଳରୁ ଚୋପା ଅଲଗା କରି ମଞ୍ଜିକୁ ବାହାର କରାଯାଏ, ଯାହାର ଆକାର କ୍ଷେତ୍ର ଓ ଉଚ୍ଚତା ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ।

ହିମାଳୟ କ୍ଷେତ୍ରରେ ମିଳୁଥିବା ରୁଦ୍ରାକ୍ଷକୁ ବିଶେଷ ଗୁଣକାରୀ ମନେ କରାଯାଏ; କାରଣ ହିମାଳୟର ଶିଖରରେ ଭଗବାନ ଶିବ ବାସ କରୁଥିବାର ମାନ୍ୟତା ରହିଛି । ଏଣୁ ହିମାଳୟ କ୍ଷେତ୍ରରେ ଉତ୍ପନ୍ନ ହେଉଥିବା ରୁଦ୍ରାକ୍ଷରେ ବିଶେଷ ଶକ୍ତି ଓ ଚିକିତ୍ସକୀୟ କ୍ଷମତା ରହିଥାଏ । ଏହିପରି ରୁଦ୍ରାକ୍ଷ ନିଜର ଦିବ୍ୟତା ସହିତ ଔଷଧୀୟ ଗୁଣରେ ଭରଭୂର । ରୁଦ୍ରାକ୍ଷ ମାଳା ଧାରଣ କଲେ ଭୂତବାଧା ଓ ନକାରାତ୍ମକ ବିଚାର ଦୂର ହୋଇଥାଏ । ଏହାର ମାଳା ଗଳାରେ ଧାରଣ କଲେ ରକ୍ତର ଚାପ ଅର୍ଥାତ୍ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।

ରୁଦ୍ରାକ୍ଷରୁ ବାହାରୁଥିବା ତେଲ ଦ୍ୱାରା ଯାଦୁ, ଏଗ୍‌ଜିମା ଓ ବ୍ରଣ ଭଲ ହୋଇଯାଏ, ବ୍ରୋଙ୍କିୟାଲ ଆସ୍ଥମାରେ ମଧ ଆରାମ ମିଳେ । ହୃଦ୍‌ରୋଗ ଓ ମାନସିକ ଅସନ୍ତୁଳନରେ ରୁଦ୍ରାକ୍ଷ ଏକ ପ୍ରଶାନ୍ତକ ଓଷଧୀର କାମ କରିଥାଏ । ରୁଦ୍ରାକ୍ଷର ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ରହିଛି । ସେଥିପାଇଁ ଘାଆର ଉପଚାର ପାଇଁ ଏହି ପତ୍ରର ଲେପ ଦିଆଯାଏ । ଆୟୁର୍ବେଦରେ ରୁଦ୍ରାକ୍ଷର ଔଷଧୀୟ ଗୁଣଗୁଡ଼ିକର ଚର୍ଚ୍ଚା କରାଯାଇଛି । ଏହାର ପତ୍ର ଦ୍ୱାରା ମୁଣ୍ଡବିନ୍ଧା, ମାଇଗ୍ରେନ, ଏପିଲେପ୍‌ସି ତଥା ମାନସିକ ରୋଗର ଉପଚାର କରାଯାଏ । ଥଣ୍ଡା, ଫ୍ଲୁ ଓ ଜ୍ୱରରେ ରୁଦ୍ରାକ୍ଷ ଫଳର ଚୋପାକୁ ବ୍ୟବହାର କରାଯାଏ । ଏହା ସହିତ ରକ୍ତଶୋଧନ ପାଇଁ ରୁଦ୍ରାକ୍ଷର ପତ୍ର ଓ ଚୋପାର ଉପଯୋଗ କରାଯାଏ । ଆୟୁର୍ବେଦର ଗ୍ରନ୍ଥଗୁଡ଼ିକ ଅନୁସାରେ ରୁଦ୍ରାକ୍ଷ ଶରୀରକୁ ସଶକ୍ତ କରିଥାଏ, ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ, ନୈସର୍ଗିକ ଉପଚାରାତ୍ମକ ଶକ୍ତିଗୁଡ଼ିକୁ ଜାଗ୍ରତ କରିଥାଏ ଏବଂ ସମଗ୍ର ସ୍ୱାସ୍ଥ୍ୟରେ ଯୋଗଦାନ ଦେଇଥାଏ ।

ଏହାର ନକଲି ରୂପ ମଧ ବଜାରରେ ଉପଲବ୍ଧ, ଏଣୁ ବିଶେଷଜ୍ଞ ଓ ଏ ସମ୍ପର୍କରେ ଜାଣିଥିବା ବ୍ୟକ୍ତିଙ୍କ ପରାମର୍ଶ ପରେ ହିଁ ଏହାର ଆଧ୍ୟାତ୍ମିକ ଏବଂ ଔଷଧୀୟ ଗୁଣଗୁଡ଼ିକର ପରୀକ୍ଷା କରାଯିବା ଉଚିତ ।

# ଦୁଦୁରାର ଉପକାରିତା

**ଦୁ**ଦୁରା ଏକ ପରିଚିତ ବୃକ୍ଷ । ଏହା ଦେବ ପୂଜା ପାଇଁ ଆବଶ୍ୟକ ପଡିଥାଏ । ତେବେ ଏହାର ଔଷଧୀୟ ଗୁଣ ଅନନ୍ୟ । ଆୟୁର୍ବେଦରେ ଦୁଦୁରାର ଉପକାର ତଥା ଉପଚାରର କଥା ରହିଛି । ଦୁଦୁରାର ଫଳ, ଫୁଲ, ପତ୍ର ଏବଂ ମୂଳ- ସବୁକିଛି ଔଷଧୀୟ ଗୁଣରେ ଭରପୂର । ପାଦରେ ଫୁଲା ଥିଲେ ଏହାର ପତ୍ରକୁ ବାଟି ଲଗାଇବା ଦ୍ୱାରା ଫୁଲା କମିଥାଏ । ଶ୍ୱାସ ସମ୍ବନ୍ଧୀୟ ରୋଗ ଏବଂ ଗଣ୍ଠି ଯନ୍ତ୍ରଣାର ଆରୋଗ୍ୟ ପାଇଁ ଦୁଦୁରାର ଆବଶ୍ୟକ ପଡିଥାଏ । ଗାଁ ଗଣ୍ଡା ଆଦିରେ ଏହି ଗଛ ପ୍ରାୟତଃ ଦେଖିବାକୁ ମିଳିଥାଏ ।

ଜ୍ୱର, ଅଧକପାଳି, ପେଟରେ ଗ୍ୟାସ୍ ଆଦି ରୋଗ ପାଇଁ ଦୁଦୁରାକୁ ଶୋଧନ କରାଯାଇ ପ୍ରସ୍ତୁତ କରାଯାଇଥିବା ଔଷଧ ଖାଇବା ଦ୍ୱାରା ଆରୋଗ୍ୟ ମିଳିଥାଏ ।

ମୁଣ୍ଡରୁ ନିୟମିତ କେଶ ଝଡୁଥିଲେ ଅନେକ ଚିନ୍ତିତ ହୋଇ ପଡନ୍ତି । ଏଥିରୁ ରକ୍ଷା କରିବା ପାଇଁ ଦୁଦୁରାର ଆବଶ୍ୟକତା ରହିଛି । ଦୁଦୁରା ରସକୁ ନିୟମିତ କିଛି ସପ୍ତାହ ମୁଣ୍ଡରେ ଲଗାଇବା ଦ୍ୱାରା ଚନ୍ଦାପଣ ଦୂର ହୁଏ ।

ଦୁଦୁରାର ପତ୍ର, ଫୁଲ ଏବଂ ମଞ୍ଜିକୁ ବାଟି ପ୍ରସ୍ତୁତ ହେଇଥିବା ପେଷ୍ଟ ବା ଲେପକୁ ଯନ୍ତ୍ରଣା ହେଉଥିବା ସ୍ଥାନରେ



ଲଗାଇଲେ ଆରାମ ମିଳିଥାଏ । ଏହି ମିଶ୍ରଣକୁ ସୋରିଷ ତେଲ କିମ୍ବା ରାଶିତେଲରେ ଫୁଟାଇ ଦୁଦୁରା ତେଲ ପ୍ରସ୍ତୁତ ହୋଇଥାଏ । ଏହି ତେଲ ଯନ୍ତ୍ରଣା ନିବାରକ ଭାବେ ବ୍ୟବହାର କରାଯାଇ ପାରିବ । ପୁଣି ଶରୀରର କୌଣସି ଅଂଶରେ ପୀଡା ବା ଜ୍ୱଳନ ହେଉଥିଲେ ଦୁଦୁରା ପତ୍ରକୁ ହାଲ୍‌କା ଉଷୁମ ପରି ପୀଡ଼ା ହେଉଥିବା ସ୍ଥାନରେ ବାନ୍ଧି ଦିଅନ୍ତୁ ଆରାମ ମିଳିବ ।

କାନବିନ୍ଧା ପାଇଁ ଦୁଦୁରାକୁ ବ୍ୟବହାର କରି ପାରିବେ । ସୋରିଷ ତେଲ ୨୫୦ ମି.ଲି, ୬୦ ମି.ଗ୍ରା, ଗନ୍ଧକ ଏବଂ ୫୦୦ ଗ୍ରାମ୍ ଦୁଦୁରା ପତ୍ରର ରସକୁ ମିଶାଇ ଧୀରେ ଧୀରେ ଜଳୁଥିବା ଚୁଲାରେ ବସାନ୍ତୁ । ସବୁ ମରିଯାଇ ଯେତେବେଳେ କେବଳ ତେଲ ରହିବ ସେତେବେଳେ ଏହାକୁ ଥଣ୍ଡା କରି କାନରେ ବୁନ୍ଦାଏ କିମ୍ବା ଦୁଇ ବୁନ୍ଦା ପକାନ୍ତୁ ।

ଆଣ୍ଠୁଗଣ୍ଠି ରୋଗରେ ପୀଡିତ ବ୍ୟକ୍ତି ପାଇଁ ଦୁଦୁରା ବେଶ୍ ଉପକାରୀ । ଦୁଦୁରାର ପଞ୍ଚାଙ୍ଗରୁ ରସ ବାହାର କରି ତାକୁ ରାଶିତେଲରେ ମିଶାଇ ଫୁଟାଇ ଦିଅନ୍ତୁ । କେବଳ ତେଲ ରହିବା ଯାଏଁ ଫୁଟାନ୍ତୁ । ଏହି ତେଲକୁ ଶୀତଳ କରି ସେହି ସ୍ଥାନରେ ମାଲିସ୍ କରିବା ସହ ତା' ଉପରେ ଦୁଦୁରା ପତ୍ରଟିଏ ବାନ୍ଧିଦେଲେ ଏହି ସମସ୍ୟା ଦୂର ହୁଏ । ଏହାବାଦ୍ ଏହାର ପତ୍ରର ଲେପ ହାଡ଼ର ଯନ୍ତ୍ରଣାକୁ ଲାଘବ କରିଥାଏ ।

ଚକ୍ଷୁ ରୋଗ, ଶ୍ୱସନତନ୍ତ୍ରରେ ସମସ୍ୟା ଥିଲେ ଦୁଦୁରାକୁ ବ୍ୟବହାର କରାଯାଇପାରେ । ଫୁସ୍‌ଫୁସ୍‌ର ସୁରକ୍ଷା କରିବା ସହ ଛାତିରେ କଫ ଜମା ହେଉଥିଲେ ଏହା ଆରୋଗ୍ୟ କରେ ।

ହୃଦୟର ଗତିକୁ ନିୟନ୍ତ୍ରଣ କରିଥାଏ ଦୁଦୁରା ।

ମହିଳାଙ୍କ ମାସିକ ଧର୍ମରେ କୌଣସି ସମସ୍ୟା ଦେଖା ଦେଲେ ଦୁଦୁରା ଦ୍ୱାରା ଆରୋଗ୍ୟ ହୋଇଥାଏ ।

ଦୁଦୁରା ଶରୀରର ତାପକୁ ସନ୍ତୁଳିତ ରଖେ । ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ । ଏହାଦ୍ୱାରା ପାଗ ବା ଋତୁ ପରିବର୍ତ୍ତନ ସତ୍ତ୍ୱେ ଶରୀର ଉପରେ କୌଣସି କୁପ୍ରଭାବ ପଡ଼ି ନ ଥାଏ ।

**ସାବଧାନତା :** ଅନେକ ଔଷଧୀୟ ଗୁଣରେ ଭରପୁର ସତ୍ତ୍ୱେ ଦୁଦୁରାର ବ୍ୟବହାରକୁ ନେଇ ସାବଧାନତା ଅବଲମ୍ବନ ଜରୁରୀ, କାରଣ ଦୁଦୁରାର ବିଷାକ୍ତ ଗୁଣ ମଧ ରହିଛି । ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଶରୀରରେ ଶୁଷ୍କତା ଦେଖାଦିଏ ।

# ବଡ଼ ଉପକାରୀ ଅଙ୍ଗୁର



ଭାରତରେ ସାଧାରଣତଃ ଦୁଇ ପ୍ରକାର ଅଙ୍ଗୁର ଉପଲବ୍ଧ ହୋଇଥାଏ । କଳା ଓ ସବୁଜ ଅଙ୍ଗୁର । ଅଙ୍ଗୁରରେ ପ୍ରୋଟିନ୍, ସୋଡିୟମ୍, ଫାଇବର, ଭିଟାମିନ୍, ଏ, ସି, ବି.କେ, କ୍ୟାଲସିୟମ୍, କପର, ମ୍ୟାଗ୍ନେସିୟମ୍, ମାଙ୍ଗାନିଜ, ଜିଙ୍କ୍ ଓ ଲୌହ ଭଳି ପୋଷକ ତତ୍ତ୍ୱ ମିଳିଥାଏ । ଅଙ୍ଗୁର ଅନେକ ପେଟ ରୋଗରୁ ମୁକ୍ତି ଦେବା ସହ କବ୍‌ଜ ଦୂର କରିଥାଏ । ବାନ୍ତି ଲାଗିବା, ମାଇଗ୍ରେନ୍ ଆଦି ସମୟରେ ଅଙ୍ଗୁର ଖାଇଲେ ଏଥିରୁ ଆରାମ ମିଳିଥାଏ । ଏକ ଗ୍ଲାସ ଅଙ୍ଗୁର ରସରେ ଦୁଇ ଚାମଚ ମହୁ ମିଶାଇ ଖାଇଲେ ରକ୍ତହୀନତା ଦୂର ହୋଇଥାଏ । ଅଙ୍ଗୁର ଖାଇଲେ ଚର୍ମରୋଗ ହୋଇ ନ ଥାଏ ଓ ତ୍ୱଚାରେ ଚମକ ଆସିଥାଏ । ଯେଉଁ ଲବଣ କାରଣରୁ ଶରୀରରେ ଆର୍ଥାରାଇଟିସ୍ ସମସ୍ୟା ଦେଖା ଦେଇଥାଏ, ଅଙ୍ଗୁର ରସ ଏହି ଲବଣକୁ ନିଷ୍କାସିତ କରିଥାଏ । ଫଳରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଲାଘବ ହୋଇଥାଏ ।

# ଆପଣ ଜାଣନ୍ତି କି ?

- ଆମେରିକାରେ ଛାଡ଼ପତ୍ର ସଂଖ୍ୟା ବିଶ୍ୱରେ ସର୍ବାଧିକ । ଏଠାରେ ପ୍ରତିଦିନ ପ୍ରାୟ ୧୦୦ ଛାଡ଼ପତ୍ର ଦିଆନିଆ ହୋଇଥାଏ ।
- ବିଶ୍ୱରେ ସର୍ବନିମ୍ନ ଛାଡ଼ପତ୍ର ଭାରତରେ ଦିଆନିଆ ହୋଇଥାଏ । ଏଠାରେ ପ୍ରତି ଶହେ ବିବାହରେ ଗୋଟିଏ ଛାଡ଼ପତ୍ର ଦେଖିବାକୁ ମିଳେ ।
- ଛାଡ଼ପତ୍ରର ଏକ ତୃତୀୟାଂଶ କେବଳ ଫେସବୁକ କାରଣରୁ ହୋଇଥାଏ ।
- ବିଶ୍ୱର ସର୍ବାଧିକ ବ୍ୟୟ ବହୁଳ ଛାଡ଼ପତ୍ରର ମୂଲ୍ୟ ହେଉଛି ୨.୫ ବିଲିୟନ ।
- ଜଣେ ୯୯ ବର୍ଷ ବୟସ୍କ ବ୍ୟକ୍ତି ନିଜର ୯୬ ବର୍ଷର ପତ୍ନୀଙ୍କୁ ଛାଡ଼ପତ୍ର ଦେଇଥିଲେ । ଏହା ହେଉଛି ବିଶ୍ୱର ସର୍ବାଧିକ ବୟସ୍କ ସ୍ୱାମୀ ସ୍ତ୍ରୀଙ୍କ ଛାଡ଼ପତ୍ର । ୭୭ ବର୍ଷର ବୈବାହିକ ଜୀବନ ଅତିବାହିତ କରିବା ପରେ ଏହି ଦମ୍ପତ୍ତି ଛାଡ଼ପତ୍ର ଦିଆନିଆ ହୋଇଥିଲେ ।
- ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ ପତ୍ନୀଙ୍କୁ ଛାଡ଼ପତ୍ର ଦେବା ପରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ବ୍ୟତୀତ ଅନ୍ୟ କୌଣସି ଆମେରିକୀୟ ରାଷ୍ଟ୍ରପତି ଛାଡ଼ପତ୍ର ପରେ ନିର୍ବାଚିତ ହୋଇ ନାହାନ୍ତି ।
- ଏକ ଅନୁସନ୍ଧାନ ଅନୁଯାୟୀ, ସ୍ୱାମୀ- ସ୍ତ୍ରୀ ହାରାହାରି ୧୮ ମାସ ପୃଥକ୍ ଭାବେ ରହିବା ପରେ ଛାଡ଼ପତ୍ର ଦିଆ ନିଆ ହୋଇଥାନ୍ତି ।
- ବୈବାହିକ ଦମ୍ପତ୍ତିଙ୍କ ଠାରୁ ଯେଉଁ ପ୍ରେମିକ ଯୋଡି ବିବାହ ପୂର୍ବରୁ ଏକତ୍ର ରହିଥାନ୍ତି ସେମାନଙ୍କ ମଧରେ ଛାଡ଼ପତ୍ର ଦିଆନିଆ ସଂଖ୍ୟା ସର୍ବାଧିକ ।
- ବିବାହର ହାରାହାରି ୮ ବର୍ଷରେ ପରେ ଛାଡ଼ପତ୍ର ଦିଆନିଆ ସଂଖ୍ୟା ସର୍ବାଧିକ

# ପ୍ରତିଦିନ ଖାଆନ୍ତୁ ପିଆଜ

**ରୋଗର ନିୟନ୍ତ୍ରଣ :** ପିଆଜକୁ ଆପଣ ନିଜ ଡାଏଟରେ ନିୟମିତ ସାମିଲ କରନ୍ତୁ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ବଦଳୁଥିବା ଋତୁ ଅନୁଯାୟୀ ହେଉଥିବା ରୋଗକୁ ନିୟନ୍ତ୍ରଣ କରିଥାଏ ।



**ହୃଦଘାତରୁ ରକ୍ଷା :** ପିଆଜରେ ଥିବା ସଲଫର ରକ୍ତରେ କୋଲେଷ୍ଟ୍ରୋଲ ଏବଂ ଟ୍ରାୟଗ୍ଲିସରାଇଡ୍ ସ୍ତରକୁ କମ୍ କରିଥାଏ । ଯଦ୍ୱାରା ହୃଦଘାତରୁ ରକ୍ଷା ମିଳିଥାଏ ।

**ଆଣ୍ଟି ବ୍ୟାକ୍ଟେରିଆଲ :** ପିଆଜରେ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ଥାଏ । ପିଆଜ ରସ ଲଗାଇବା ଦ୍ୱାରା ଘା' ଏବଂ ଖଣ୍ଡିଆ ଖୁବ୍ ଶୀଘ୍ର ଭଲ ହୋଇଥାଏ ।

**ଗରମରୁ ରକ୍ଷା :** ପିଆଜ ରସରେ ଚିନି ମିଶାଇ ପିଇଲେ ଖରା ଏବଂ ଗରମ ଯୋଗୁଁ ହେଉଥିବା କଷ୍ଟରୁ ମୁକ୍ତି ମିଳିଥାଏ ।

**କର୍କଟ ରୋଗରୁ ରକ୍ଷା :** ପିଆଜରେ ଥିବା କ୍ୱାର୍ସଟିନ୍ ନାମକ ଆଣ୍ଟି କ୍ୟାନସର ତତ୍ତ୍ୱ ରୋଗୀକୁ କର୍କଟ ରୋଗରୁ ସୁରକ୍ଷା ଦିଏ । ଶରୀରରେ ଥିବା କର୍କଟ ସେଲକୁ ଏହା ମାରିଦିଏ ।

**ଗଣ୍ଠି ସମସ୍ୟାରୁ ମୁକ୍ତି :** ପିଆଜ ବାତରୋଗୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ । ଏହାକୁ ପ୍ରତ୍ୟହ ଖାଇବା ଏବଂ ଲଗାଇବା ଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟା ମଧ ଦୂର ହୋଇଥାଏ ।

**ରକ୍ତସ୍ତର ନିୟନ୍ତ୍ରଣ :** ପିଆଜରେ ଥିବା କ୍ରୋମିୟମ୍ ଏବଂ ସଲଫର ପରି ମିନେରାଲ ରକ୍ତସ୍ତରକୁ ନିୟନ୍ତ୍ରଣ କରି ମଧୁମେହ ରୋଗରୁ ରକ୍ଷା କରିଥାଏ ।

# ଜାମୁକୋଳିର ଚମତ୍କାରିତା

**ଜା**ମୁକୋଳିର ରଙ୍ଗ ଦେଖିବାକୁ ଯେତେ ସୁନ୍ଦର, ତା'ଠାରୁ ଏହାର ସ୍ୱାଦ ମଧ ସେତିକି ସୁସ୍ୱାଦୁ । ଏହା ରକ୍ତର ହିମୋଗ୍ଲୋବିନ୍‌ର ସ୍ତରକୁ ବଢ଼ାଇଥାଏ । ଏହା ମଧ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ । ଯାହାକୁ ସେମାନେ ବିନା ଦ୍ୱିଧାରେ ଏହାର ସେବନ କରିପାରିବେ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ବି, ସି ଓ ଆଇରନ ରହିଥାଏ । ଏହାକୁ ସେବନ କରିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହିତ ପାଚନକ୍ରିୟାକୁ ମଧ ଲାଭ ମିଳିଥାଏ । ଗୁଣରେ ଭରପୁର ଥିବା ଏହି ଜାମୁକୋଳି ଦାମୀ ହୋଇ ନ ଥିବା ସହିତ ଏହାର ଗଛ ସବୁ ରାସ୍ତା କଡ଼ରେ ସୁବିଧାରେ ମିଳିଥାଏ ।



ଏହାର ରସରେ ଆଣ୍ଟିବ୍ୟାକ୍ଟେରିଆଲ୍ ଓ ବ୍ଲଡ ପିୟୁରିଫାଏ କରିବାର କ୍ଷମତା ରହିଛି । ଏଥିପାଇଁ ଡାଇରିଆରୁ ମୁକ୍ତି ମିଳିଥାଏ ।

ଏଥିରେ ପ୍ରୋଟିନ୍ ଓ କ୍ୟାଲସିୟମର ମାତ୍ରା ଭରପୁର ରହିଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ ।

ଏହା ମଧୁମେହ ଚିକିତ୍ସା ପାଇଁ ବେଶୀ ଲାଭଦାୟକ ହୋଇଥାଏ । ଏଥିରେ ଆଇରନ୍, ଫେରିକ୍ ଏସିଡ୍, ପୋଟାସିୟମ୍ ମ୍ୟାଗ୍ନେସିୟମ୍, ଫସଫରସ୍ ଓ ସୋଡିୟମ୍ ପ୍ରଭୃତି ରହିଥାଏ । ଯାହାକି ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହି କୋଳିର ମଞ୍ଜିକୁ ଶୁଖାଇ ତାକୁ ଗୁଣ୍ଡ କରି ଖାଇଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ ।

ଏହା କୋଷ୍ଠକାଠିନ୍ୟ ଓ ପେଟର ରୋଗ ପାଇଁ ବେଶୀ ଲାଭଦାୟକ ହୋଇଥାଏ । ଜାମୁକୋଳି ଶରୀରର ପାଚନକ୍ରିୟାକୁ ମଜଭୂତ କରିଥାଏ ।

ଯଦି ଆପଣଙ୍କୁ ଏସିଡିଟିର ସମସ୍ୟା ରହିଛି, ତେବେ ବିଟ ଲୁଣ ଓ ଭଜା ଜିରା ସହିତ ଜାମୁକୋଳିକୁ ସେବନ କଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।

# କହିପାରିବେ କି ?

(୧) ଛତିଶଗଡ଼ର ହସଡୋ ଭ୍ୟାଲି କ'ଣ ପାଇଁ ପ୍ରସିଦ୍ଧ ?

(୨) କେଉଁ ରଙ୍ଗ ଉଚ୍ଚ ତାପାମାତ୍ରାକୁ ଚିହ୍ନଟ କରିଥାଏ ?

(୩) ଟ୍ୟୁବୋରକ୍ୟୁଲୋସିସ୍ ରୋଗର କାରଣ କ'ଣ ?

(୪) ସ୍ପେସ୍ ଆପ୍ଲିକେସନ ସେଣ୍ଟର କେଉଁଠି ଅବସ୍ଥିତ ?

(୫) ଡାଇନାମାଇଟ ତିଆରି ପାଇଁ କେଉଁ ଦ୍ରବ୍ୟର ଉପଯୋଗ ହୋଇଥାଏ ?

(୬) ସର୍ବାଧିକ ଫୁଲକୋବି କେଉଁ ଦେଶରେ ଉତ୍ପାଦନ ହୋଇଥାଏ ?

(୭) ଫୁଲକୋବିର ଉତ୍ପତ୍ତି କେଉଁଠାରେ ହୋଇଛି ?

(୮) ଫୁଲକୋବି ପରିବା ମାନଙ୍କ ମଧରେ କେଉଁ ପ୍ରଜାତିର ?

(୯) ପ୍ରଥମେ କିଏ ଫୁଲକୋବି ବିଷୟରେ ନିଜ ଲେଖାରେ ପ୍ରକାଶ କରିଥିଲେ ?

(୧୦) ଫୁଲକୋବି ଧଳା ଛଡ଼ା ଆଉ କେଉଁ ରଙ୍ଗର ମିଳିଥାଏ ?

## JUMBLE WORDS

| | | | |
|---|---|---|---|
| 1) MRYIGL | = | 6) LONAAC | = |
| 2) GUIAAN | = | 7) MHNUA | = |
| 3) CUYYK | = | 8) DIUGE | = |
| 4) MLIYD | = | 9) GIDSNI | = |
| 5) RROPAU | = | 10) RNIHED | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ବ୍ରାଜିଲ, ୨.୩୨୬ ଖ୍ରୀ.ପୂ, ୩.ଶାକାରମ୍ ଅଫିସିନାରମ୍, ୪.୩୬, ୫.ଗଙ୍ଗା, ୬.ସୁନ୍ଦରବନ, ୭.ଗ୍ରାଣ୍ଟଟ୍ରଙ୍କ ରୋଡ଼, ୮.ଥର, ୯.ହୀରାକୁଦ, ୧୦.ଅମୃତସର ।

***Jumble Words*** ର ଉତ୍ତର **:-**

(1) CHECK (2) FLACK (3) EXPIRE (4) SPOKEN (5) FAINT

(6) DICEY (7) SQUASH (8) OUTLET (9) POISE (10) FLOSS

# ସୁବର୍ଣ୍ଣପୁର ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର: ଚଳିତ ବର୍ଷ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି ବୈଠକରେ ବିଭାଗୀୟ ଅଧିକାରୀ ଆନନ୍ଦ ପଣ୍ଡା ଉପସ୍ଥିତ ସମସ୍ତଙ୍କୁ ବୈଠକକୁ ସ୍ୱାଗତ କରି ପୂର୍ବ ପ୍ରସ୍ତୁତ କାର୍ଯ୍ୟ ଖସଡାକୁ ବୈଠକରେ ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ଶ୍ରୀ ଦାଶ କାର୍ଯ୍ୟ ଖସଡ଼ା ଅନୁସାରେ ପ୍ରତ୍ୟେକଟି ବିନ୍ଦୁ ଉପରେ ବିଶଦ ଭାବରେ ଆଲୋଚନା କରି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କ ମତାମତ ନେଇଥିଲେ ଓ ସେ ସମ୍ଭାବ୍ୟ ବନ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାର ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସହଯୋଗ ରକ୍ଷା ପୂର୍ବକ କାର୍ଯ୍ୟ କରିବା ସହ ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ବିଭିନ୍ନ ଅଧିକାରୀ ଆସନ୍ନ ବନ୍ୟା ମୁକାବିଲା ପାଇଁ କିପରି ପ୍ରସ୍ତୁତ ଅଛନ୍ତି ସେ ବିଷୟରେ ଗୃହକୁ ଅବଗତ କରାଇଥିଲେ । ବିଶେଷ ଭାବେ ଆର.ଡବ୍ଲୁ.ଏସ୍.ଏସ୍. ଅଧିକ୍ଷଣ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ତେଲ ଡିଭିଜନ ପ୍ରକଳ୍ପ, ଏମ ଆଇ, ଜିଲ୍ଲା ଶିକ୍ଷା ଅଧିକାରୀ, ସିଏସଓ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା କୃଷି ବିଭାଗ, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ, ଜିଲ୍ଲା ବନଖଣ୍ଡ ବିଭାଗ ପ୍ରମୁଖ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ତେଲ ଡିଭିଜନ ପ୍ରକଳ୍ପ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏମ ଆଇ, ନଦୀକୂଳରେ ଥିବା ସମସ୍ତ ଘାଇ, ନଦୀ ଆଡିବନ୍ଧ ଗୁଡିକ ଯାଞ୍ଚ କରି ଦୁର୍ବଳ ଘାଇ ଓ ବିପଦ ସଂକୁଳ ପଠା ଗୁଡିକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସହରାଞ୍ଚଳରେ ଥିବା ବିଭିନ୍ନ ନାଳ ନର୍ଦ୍ଦମା ଗୁଡିକ ସମୟ ପୂର୍ବରୁ ଆବଶ୍ୟକ ମରାମତି ଓ ସଫା କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି । ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳରେ ଅଗ୍ରୀମ ଶୁଖୁଲା ଖାଦ୍ୟ ତଥା ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏତଦ୍‌ବ୍ୟତୀତ ଜିଲ୍ଲାର ବିଭିନ୍ନ ବନ୍ୟା ସମ୍ବେଦନଶୀଳ ଅଂଚଳ ରେ ପାୱାର ବୋଟ ଏବଂ ଦେଶି ଡଙ୍ଗା ମହଜୁଦ ରଖିବା ପାଇଁ ଉପଜିଲ୍ଲାପାଳମାନଙ୍କୁ ଧାନ ଦେବା ପାଇଁ କୁହାଯାଇଛି । ଜିଲ୍ଲାରେ ଥିବା ୬ ଗୋଟି ବନ୍ୟା ଆଶ୍ରୟ ସ୍ଥଳୀ ଯେପରି ବନ୍ୟା ସମୟରେ ସମ୍ପୂର୍ଣ୍ଣ ଉପଯୋଗ ହୋଇପାରିବ ସେଥିପାଇଁ ସେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ସ୍ଥାନୀୟ ସ୍କୁଲ ଗୃହ ଓ ୱେର ହାଉସ କୁ ଉପଯୋଗ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଚାଲୁ ରଖିବା ସହିତ ସମସ୍ତ ବ୍ଲକ୍, ତହସିଲ, ଥାନା ସହ ଯୋଗାଯୋଗ ପୂର୍ବକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ପଶୁ ସମ୍ପଦ ଅଧିକାରୀଙ୍କୁ ବନ୍ୟା ପୂର୍ବରୁ ଆବଶ୍ୟକୀୟ ଔଷଧ ଏବଂ ଗୋଖାଦ୍ୟ ମହଜୁଦ ରଖିବା ପାଇଁ କୁହାଯାଇଛି । ପିଏଚଡି, ଓ ଆରଡବ୍ଲ୍ୟୁଏସଏସ ବିଭାଗ ତରଫରୁ ବନ୍ୟା ଓ ବନ୍ୟା ପରବର୍ତ୍ତୀ ସମୟରେ ପିଇବାପାଣି କୁ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ କରାଇବା ଉପରେ ନିର୍ଦ୍ଦେଶ ଦିଆଯିବା ସହ ଆଶ୍ରୟ ସ୍ଥଳ ନିକଟରେ ନଳକୂପ ଖନନକୁ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ପୁନର୍ଶ୍ଚ କାର୍ଯ୍ୟକ୍ରମ ଗୁଡିକୁ ସୁନିଶ୍ଚିତ ଓ ବ୍ୟବସ୍ଥିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସରଜମିନ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଆସନ୍ନ ବନ୍ୟା ସମୟରେ ପାଣିପାଗ ସମ୍ବନ୍ଧୀୟ ଆଗୁଆ ସୂଚନା ଜନସାଧାରଣଙ୍କୁ ଜଣାଇଦେବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ବିଡ଼ିଓ ମାନେ ସମ୍ପୃକ୍ତ ଅଞ୍ଚଳରେ ପଦକ୍ଷେପ ନେବାସହ ତତ୍ ସମ୍ବନ୍ଧୀୟ ସୂଚନାକୁ ବ୍ୟାପକ କରିବା ସହ ସମସ୍ତଙ୍କୁ ଉପଲବ୍ଧ କରାଇବାକୁ ଜିଲ୍ଲାର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ସହଯୋଗ କରିବା ପାଇଁ ବୈଠକରେ ଅନୁରୋଧ କରାଗଲା ଓ ପ୍ରତିକୂଳ ପରିସ୍ଥିତିରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ବିଦ୍ୟୁତ ବିଭାଗ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି ଓ ବନ୍ୟା ପରବର୍ତ୍ତୀ ପରିସ୍ଥିତିରେ କୃଷକ ମାନଙ୍କୁ ଆବଶ୍ୟକୀୟ ବିହନ, କୀଟନାଶକ ଓ କୃଷି ସମ୍ବନ୍ଧୀୟ ବିଶେଷ ସୂଚନା ଜିଲ୍ଲା କୃଷି ଅଧିକାରୀ ଯୋଗାଇ ଦେବେ ଏବଂ ସମସ୍ତ କୃଷି ଫସଲ ର ବୀମା କରଣ ପାଇଁ ପଦକ୍ଷେପ ନେବା ପାଇଁ କୁହାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳ ସ୍କୁଲ ଗୁଡିକର ସ୍ଥିତି ସମ୍ପର୍କରେ ଆଗୁଆ ସରଜମିନ ତଦନ୍ତ କରିବାକୁ କୁହାଯାଇଛି । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ନିଶି ପୁନମ ମିଞ୍ଜ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ କୁମାର ଭୋଇ, ଲୋକସଭା ସାଂସଦ ବଲାଙ୍ଗୀର ଙ୍କ ପ୍ରତିନିଧି ଶରତ ଶତପଥୀ,ସିଡ଼ିଏମଓ ବିଶ୍ୱରଂଜନ ପତି, ଏସଇ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଏସ ଇ ଆର ଡବ୍ଲୁଏସ ଏସ ଇଂ ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଏଣ୍ଡିଆରଏଫ ମୁଣ୍ଡୁଳିର ଇନ୍ସପେକ୍ଟର ଏକଜିକ୍ୟୁଟିଭ ୟୁ.କେ ଦୀକ୍ଷିତ, ସୂର୍ଯ୍ୟକାନ୍ତ, ଆନନ୍ଦ କୁମାର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲାପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଚତୁର୍ଭୁଜ ସାହୁ, ସିଡିଭିଓ ଅନନ୍ତ ପ୍ରସାଦ ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ସୋନପୁର, ବିଜ୍ଞାପିତ ଅଞ୍ଚଳ ପରିଷଦ ବିନିକା ଓ ତରଭା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଜିଲ୍ଲା ଜରୁରୀ ଶାଖା କର୍ମଚାରୀ ବିଶ୍ୱନାଥ ନାୟକ, ଆଲୋକ ଦାଶ, ରିତେଶ ହୋତା ପ୍ରମୁଖ ଉପସ୍ଥିତ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ରକ୍ତଦାନ ଶିବିର

ସୁନ୍ଦରଗଡ : ସୁନ୍ଦରଗଡ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଦିବଙ୍ଗତ ସଦସ୍ୟମାନଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଓ ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୋର୍ଟ ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ଓକିଲ ସଂଘ ସଦସ୍ୟମାନଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧାକାରୀ ସରୋଜ କୁମାର ମିଶ୍ର, ଜିଲ୍ଲା ଓକିଲ ସଂଘ ସଭାପତି କମଳ ଲୋଚନ ସେନଙ୍କୁ ଏକ ମାନପତ୍ର ପ୍ରଦାନ କରିଥିଲେ । ଶିବିରରେ ଜିଲ୍ଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ରାଜେଶ ଦାସ, ଅତିରିକ୍ତ ଜିଲ୍ଲାଜଜ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ରାଜଲକ୍ଷ୍ମୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋକ୍ସୋ ମହେନ୍ଦ୍ର କୁମାର ସୂତ୍ରଧର, ଚିଫ୍ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ରେଜିଷ୍ଟ୍ରର ଦିଲୀପ କୁମାର ଶତପଥୀ,ଜିଲ୍ଲା ଓକିଲ ସଂଘ ସଭାପତି କମଳ ଲୋଚନ ସେନ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଯୁଗଳ କିଶୋର ଠାକୁର, ପ୍ରସନ୍ନ ବେହେରା, ବୁଦ୍ଧଦେବ ନାଏକ, ନିରକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ର ସଫଳତା

ବୁର୍ଲା: ବୁର୍ଲା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ରେ ମୋଟ ୩୮ ଜଣ ମେଟ୍ରିକ ପରୀକ୍ଷାରେ ସାମିଲ ହୋଇଥିବା ବେଳେ ସମସ୍ତଙ୍କୁ ଶତ ପ୍ରତିଶତ ସଫଳତା ମିଳିଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସ୍ୱାସ୍ତୀ ସାଗ୍ନିକା ୯୬.୬୦ ପ୍ରତିଶତ ମାର୍କ ସହ ବିଦ୍ୟାଳୟର ମେଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ନିଖିଲ ଜୟସ୍ୱାଲ ୯୪.୬୦, ଉତ୍କଳିକା କାଣ୍ଡୀ ୯୨.୮୦ ହାସଲ କରିଛନ୍ତି । ମୋଟ ୫ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୨୬ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ସେହିପରି ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଆକାଂକ୍ଷା ପ୍ରିୟଦର୍ଶିନୀ ମେହେର ୯୧.୨୦ ପ୍ରତିଶତ ମାର୍କ ସହ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସିଲ କରିଛନ୍ତି । ସେହିପରି ଆକାଶ ଭୁକ୍ତା ୮୮.୬୦, ଶ୍ୟାମା ପ୍ରସନ୍ନ ଦାସ ୮୫.୨୦ ପ୍ରତିଶତ ମାର୍କ ରଖିଛନ୍ତି । ମୋଟ ୩୮ ଜଣ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସାମିଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣକୁ ସଫଳତା ମିଳିଛି । ମୋଟ ଜଣକୁ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୭ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି ବୋଲି ବିଦ୍ୟାଳୟର ଅଧକ୍ଷ ଗଣେଶ ପ୍ରଧାନ ସୁଚନା ଦେଇଛନ୍ତି ।

# ଭାରତୀ କଳା ବିକାଶ କେନ୍ଦ୍ର ପକ୍ଷରୁ ଆନ୍ତର୍ଜାତିକ ନୃତ୍ୟ ଦିବସ

ବୁର୍ଲା: ଭାରତୀ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଆନ୍ତର୍ଜାତିକ ନୃତ୍ୟ ଦିବସ ପାଳିତ ହୋଇଯାଇଛ । ଏଇ ଅବସରରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଏସୋସିଏଟ ପ୍ରଫେସର ଡ଼କ୍ଟର ରାମନରେଶ ମହାଲିଙ୍ଗ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଅରବିନ୍ଦ ପଣ୍ଡା ଏବଂ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରଥ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନ ର ଅଧକ୍ଷ ସଂଗୀତ ଭାରତୀ ଗୁରୁ ଶ୍ରୀ ଅଲେଖ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସାଙ୍ଗଠାନିକ ସଂପାଦକ ପ୍ରମୋଦ କୁମାର ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ନିରଞ୍ଜନ ପଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଗୁରୁ ସତ୍ୟବ୍ରତ ସାହୁ, ଗୁରୁ ପୂଜା ପାରମିତା, ଗୁରୁ ଫଗୁଣୁ ସେଠ, ଗୁର ଶାନ୍ତିଲତା ବେହେରା, ଗୁରୁ ଗଜେନ୍ଦ୍ର ବଘାର, କୋଷାଧକ୍ଷ କୈଳାସ ଚନ୍ଦ୍ର ମିଶ୍ର, ଅଚ୍ୟୁତ ଠେଲା, ରଶ୍ମିରଞ୍ଜନ ଶତପଥି, ଅଶ୍ୱିନୀ ଆଚାର୍ଯ୍ୟ, ରମାକାନ୍ତ ତାଣ୍ଡି, ଶଶୀଭୂଷଣ ଦେହୁରୀ, ଚିତ୍ତ ନାୟକ, ମହେନ୍ଦ୍ର ପଞ୍ଚବିହାର, ଇଂ ଶ୍ରୀ ପ୍ରସାଦ ସ୍ୱାଇଁ, ଅର୍ଜୁନ ମେହେର, ଶିବ ଶଙ୍କର ପଧାନ, ପଦ୍ମିନୀ ପଧାନ, ପ୍ରମିଳା ତାଣ୍ଡି, ପାୟଲ ତ୍ରିପାଠୀ, ଇପ୍ସିତା ପାଢୀ, ଇତିଶ୍ରୀ ଦାସ ପରିଚାଳନା ରେ ସହାୟତା କରିଥିଲେ । ଶେଷରେ ଅନୁଷ୍ଠାନ ର ଛାତ୍ରୀ ପୂର୍ବୀ ପ୍ରତ୍ୟସା ମହାଲିଙ୍ଗ, ଖୁସି ସାହୁ, ଶ୍ରୁତି ସଂପନ୍ନା ଶର୍ମା, ଶ୍ରୀଜିତା ବେହେରା, ସଂଘମିତ୍ର ପ୍ରଧାନ, ପ୍ରିୟା ମେହେର ନୃତ୍ୟ ପରିବେଷଣ କରିଥିଲେ । ରଶ୍ମି ରଞ୍ଜନ ଶତପଥି ଧନ୍ୟବାଦ ଦେଇଥିଲେ ।

# ରେଳ ମଣ୍ଡଳରେ ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ



ସମ୍ବଲପୁର: ସମ୍ବଲପୁର ରେଳ ମଣ୍ଡଳରେ ୭୬ତମ ମଣ୍ଡଳସ୍ତରୀୟ ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂହ ପ୍ରଗତି ରିପୋର୍ଟ ଗୁଡ଼ିକର ସମୀକ୍ଷା କରିଥିଲେ ଓ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ପାଇଁ କେତେକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଏଡିଆର୍‌ଏମ୍ ଆନନ୍ଦ ସିଂହ ଗତ ତିନି ମାସରେ ହୋଇଥିବା ରାଜଭାଷା ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ରାଜଭାଷା ବିଭାଗ ଦ୍ୱାରା ଆୟୋଜିତ ହିନ୍ଦୀ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା । ବୈଠକରେ ମଣ୍ଡଳର ସମସ୍ତ ଶାଖା ଅଧିକାରୀ ଭାଗ ନେଇଥିଲେ । ରାଜଭାଷା ଅଧିକାରୀ ଉପେନ୍ଦ୍ର ସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବ







ସମ୍ବଲପୁର: ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ )ର ପଞ୍ଚମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆଇ.ଆଇ.ଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ମାନସ ରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଶୈକ୍ଷିକ ଶୋଭାଯାତ୍ରା ସଭାକକ୍ଷକୁ ପ୍ରବେଶ କଲାପରେ ସମାବର୍ତ୍ତନ ସମାରୋହ ଆରମ୍ଭ ହୋଇଥିଲା ।

କୁଳପତି ପ୍ରଫେସର ଦାସ ମହାପାତ୍ର କହିଥିଲେ ଯେ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ୨୦୧୫ ଜୁନ ୧୦ ରେ ୨୨୩ ବିଦ୍ୟାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିବା ସ୍ଥଳେ ବର୍ତ୍ତମାନ ୪୨ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ନାମ ଲେଖାଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୧୭୩୨୭ ଜଣ ବିଦ୍ୟାର୍ଥୀ ସଫଳତା ସହ ଡିଗ୍ରୀ ହାସଲ କରି ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟାନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରୁଛନ୍ତି । ବିଶ୍ୱବିଦ୍ୟାଳୟ ଅଧିନରେ ୬ଟି ଜେଲ ଅଧ୍ୟୟନ କେନ୍ଦ୍ର ଯଥା ମଣ୍ଡଳ କାରାଗାର ସମ୍ବଲପୁର, ସ୍ୱତନ୍ତ୍ର କାରାଗାର ଭୁବନେଶ୍ୱର ଝାରପଡ଼ା, ମଣ୍ଡଳ କାରାଗାର, କଟକ ଚୌଦ୍ୱାର, ମଣ୍ଡଳ କାରାଗାର ବ୍ରହ୍ମପୁର, ଜିଲ୍ଲା କାରାଗାର ବାଲେଶ୍ୱର ଓ ମଣ୍ଡଳ କାରାଗାର କୋରାପୁଟରେ ଥିବା ସହ ୯୬ଟି ଅଧ୍ୟୟନ କେନ୍ଦ୍ର ରହିଥିବା ବେଳେ ୫ଟି ଆଞ୍ଚଳିକ କେନ୍ଦ୍ର ରହିଅଛି । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ ଶିକ୍ଷକ (ପ୍ରାଧାପକ ) ଓ କର୍ମଚାରୀ ପଦବୀ ନାହିଁ । ଗତ ମାସ ୧୦ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଲୋକସଭା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ୪୩ଟି ସ୍ଥାୟୀ ଶିକ୍ଷକ (ପ୍ରାଧାପକ ) ଓ ୧୪ଟି କର୍ମଚାରୀ ପଦବୀ ସୃଷ୍ଟି ପାଇଁ ଅନୁମୋଦନ ମିଳିଛି । ଜୁନ୍ ମାସ ସୁଦ୍ଧା ନାକ୍ ଠାରୁ ସ୍ଥାୟୀ ମାନ୍ୟତା ପାଇବା ସକାଶେ ବିଶ୍ୱବିଦ୍ୟାଳୟ କାର୍ଯ୍ୟରତ । ବିଶ୍ୱବିଦ୍ୟାଳୟ ତରଫରୁ ବିଶେଷତଃ ରାଜ୍ୟ ସରକାରୀଙ୍କ ସମସ୍ତ ସରକାରୀ ଚାକିରୀଆଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଓ ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟ ସହିତ ଔଦ୍ୟୋଗିକ ବିକାଶ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ଆରମ୍ଭ କରିବାର ଯୋଜନା ରହିଛି । ଖୁବ ଶୀଘ୍ର ବିଶ୍ୱବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସକୁ ସ୍ଥାନାନ୍ତରିତ ହେବ ବୋଲି ସେ କହିଥିଲେ ।

ଏହି ସମାବର୍ତ୍ତନ ସମାରୋହରେ ଶିକ୍ଷାବର୍ଷ ୨୦୨୧-୨୨ରେ ୬୦୦୦ରୁ ଉର୍ଦ୍ଧ୍ୱ ଜଣ ବିଦ୍ୟାର୍ଥୀଙ୍କୁ ଶିକ୍ଷାଗତ ପ୍ରମାଣପତ୍ର ଓ ୩୩ଗୋଟି କାର୍ଯ୍ୟକ୍ରମର ୩୫ ଜଣ ବିଦ୍ୟର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା ।

## ହୀରାକୁଦ ଥାନାରେ ରକ୍ତଦାନ ଶିବିର




ସମ୍ବଲପୁର: ହୀରାକୁଦ ଥାନାରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶିବିରକୁ ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ ଉଦ୍‌ଘାଟନ କରିଥିଲେ । ହୀରାକୁଦ ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହୀରାକୁଦ ଥାନା ଅଧିକାରିଣୀ ଯାଜ୍ଞସିନି ନାଏକ, ଏସ୍‌ଆଇ ବିଭୂତି ପ୍ରଧାନ, ଏସ୍‌ଆଇ ସନ୍ତୋଷ ସ୍ୱାଇଁ ଉପସ୍ଥିତ ଥିଲେ । ବୁର୍ଲା ଭିମସାର ରକ୍ତ ଭଣ୍ଡାରର ଡାକ୍ତର ପାର୍ଥିବ କୁମାର ବେହେରା, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, ଲାଲୁ ବିଶ୍ୱାସ ପ୍ରମୁଖ ପରିଚାଳନା କରିଥିଲେ । ହାବିଲଦାର ଓ କନଷ୍ଟେବଲ ଶାଖା ସଂଘ ସଭାପତି ରାମଦାସ ପଣ୍ଡା ସହଯୋଗ କରିଥିଲେ । ଏସ୍‌ଡିପିଓ ଶ୍ରୀ ଦାସ ରକ୍ତଦାତାମାନଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ ।

## ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ




ସମ୍ବଲପୁର : ରେଢ଼ାଖୋଲର ରେଳ ଟ୍ରାକ୍ ମ୍ୟାନଟେନର ଶ୍ରୀ ଭୁପେଶ କର୍ମୀ ନିରାପତ୍ତା ପ୍ରତି ସଜାଗ, ସୁରକ୍ଷିତ ରେଳ ଚଳାଚଳ ପ୍ରତି କର୍ତ୍ତବ୍ୟ ନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ ହୋଇଛନ୍ତି । ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଶ୍ରୀ ବିନିତ ସିଂ ଏଥିପାଇଁ ତାଙ୍କୁ ପ୍ରମାଣପତ୍ର ଓ ନଗଦ ରାଶି ସହ ସମ୍ମାନିତ କରିଛନ୍ତି । ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଶ୍ରୀ ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସନ୍ତୋଷ କୁମାର ଦେୱାଙ୍ଗନ ଉପସ୍ଥିତ ଥିଲେ ।

## ପାନ୍ନା ଦେବୀ ଡାଲମିଆଙ୍କ ପରଲୋକ

ସମ୍ବଲପୁର : ସମ୍ବଲପୁରର ବିଶିଷ୍ଟ ବ୍ୟବସାୟୀ କେଶବ ଡାଲମିଆ ଓ ମାଧବ ଡାଲମିଆଙ୍କ ମାତା ପାନ୍ନା ଦେବୀ



ଡାଲମିଆଙ୍କ ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତ କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ । ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ । ପୂର୍ବରୁ ତାଙ୍କ ସ୍ୱାମୀ ମଦନ ଡାଲମିଆଙ୍କର ପରଲୋକ ହୋଇଯାଇଛି ।


## ପ୍ରଭାସ ଅଗ୍ରୱାଲଙ୍କ ପତ୍ନୀ ବିୟୋଗ

ସମ୍ବଲପୁର : ବିଶିଷ୍ଟ ବ୍ୟବସାୟୀ ପ୍ରଭାସ ଅଗ୍ରୱାଲଙ୍କ ପତ୍ନୀ ଆଶା ଦେବୀ (୬୮) ଙ୍କ ଗତ ଗୁରୁବାର ସକାଳେ ତାଙ୍କ ଫାର୍ମରୋଡ଼ ବାସଭବନରେ ପରଲୋକ ହୋଇଯାଇଛି ।



କୋଲକତାରେ ଜନ୍ମିତ ଆଶା ଦେବୀ ଜଣେ ଧର୍ମପ୍ରାଣ, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ । ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ ।

## ଆମର ଶ୍ରୀମତ ଭାଗବତ' ପୁସ୍ତକ ଉନ୍ମୋଚିତ






ସମ୍ବଲପୁର: ଡାକ ଓ ତାର ବିଭାଗର ଅବସରପ୍ରାପ୍ତ କର୍ମଚାରୀ କୃପାସିନ୍ଧୁ ପଣ୍ଡାଙ୍କ ଦ୍ୱାରା ସମ୍ବଲପୁରୀ ଭାଷାରେ ରଚିତ ଶ୍ରୀମଦ ଭାଗବତର କାବ୍ୟାନ୍ତରିତ ମର୍ମାନୁବାଦ ପୁସ୍ତକ 'ଆମର ଶ୍ରୀମତ ଭାଗବତ' ଉନ୍ମୋଚିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଶ୍ରୀ ଗୋପୀନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିଥିବା ବେଳେ ଅର୍ଜୁନ ରଞ୍ଜନ ପଣ୍ଡା କବିଙ୍କ କାବ୍ୟ କୃତି ଉପରେ ବିଶଦ ଆଲୋଚନା କରିଥିଲେ । ପୁସ୍ତକର ଲେଖକ ଶ୍ରୀ ପଣ୍ଡା ଲେଖକୀୟ ସମ୍ଭାଷଣ ପ୍ରଦାନ କରିଥିଲେ । ଶେଷରେ ନାଗରିକ ସମାଜର ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra